## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ପାପଡ଼ାହାଣ୍ଡି,୧୨।୩(ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ପାପଡାହାଣ୍ଡି ଥାନା ସୋରିଷ ପଦର ଜମିରେ ଥିବା ଏକ ତେନ୍ତୁଳି ଗଛରେ ଝୁଲନ୍ତା ଅବସ୍ଥାରେ ଥିବା ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ରବିବାର ଜବତ କରିଛି। ମୃତକ ହେଲେ କମଲସିଂ ଅମନାତ୍ୟ। ଗତ ଜାନୁୟାରୀ ୩୧ ତାରିଖରେ କମଳଙ୍କ ପ୍ରେମିକାଙ୍କ ମୃତଦେହ ଏହି ଗଛରେ ଆତ୍ମହତ୍ୟା କରିଥିବା ବେଳେ କମଳ ନିଜ ବେକ କାଟି ରକ୍ତାକ୍ତ ଅବସ୍ଥାରେ ପଡ଼ିଥିଲେ। ତାଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ପରେ ସୁସ୍ଥ ହୋଇଥିଲେ। ଶନିବାର ରାତିରେ ସେ ଖାଇସାରି ବାହାରକୁ ଯାଇ ଆଉ ଫେରି ନ ଥିଲେ। ରବିବାର ସକାଳେ ତାଙ୍କ ମୃତଦେହ ଝୁଲୁଥିବା ଦେଖାଯାଇଥିଲା। ଖବରପାଇ ପାପଡାହାଣ୍ଡି ଥାନା ଆଇଆଇସି ଦୀପକ ଜେନା,ଏସଆଇ ଶିବଜୀ ପଣ୍ଡା, ଏଏସଆଇ ହରିହର ଭତରା, ଲାବନ୍ୟ ବେମାଲ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏ ନେଇ ୪/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଭାଲୁ ଆକ୍ରମଣରେ ବୃଦ୍ଧ ଗୁରୁତର

ପାପଡାହାଣ୍ଡି,୧୨।୩(ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଡଙ୍ଗରା ପଞ୍ଚାୟତ ଭଣ୍ଡାରିଗୁଡା ଗ୍ରାମରେ ରବିବାର ଭାଲୁ ଆକ୍ରମଣରେ ଜଣେ ବୃଦ୍ଧ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଡମ୍ବୁ ଭତରା। ଡମ୍ବୁ କାଠ କାମ ଲାଗି ନିକଟସ୍ଥ ଜଙ୍ଗଲକୁ ଯାଇଥିବା ବେଳେ ଭାଲୁ ଆକ୍ରମଣ କରିବାରୁ ରକ୍ତାକ୍ତ ହୋଇପଡ଼ିଥିଲେ। ଗୁରୁତର ଅବସ୍ଥାରେ ସେ ରାସ୍ତାରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ଘରକୁ ଆଣିଥିଲେ। ପରେ ଆମ୍ବୁଲାନ୍ସ ଯୋଗେ କୋରାପୁଟ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

### ବୃଦ୍ଧଙ୍କ ମୃତଦେହ ଜବତ

ପାପଡ଼ାହାଣ୍ଡି,୧୨।୩(ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ପଣ୍ଡିକୋଟ ପଞ୍ଚାୟତ ଚନ୍ଦନପାଲା କାଜୁବାଡ଼ ନିକଟ ପାଣିଥିବା ଏକ ଖାଲରୁ ରବିବାର ଜଣେ ବୃଦ୍ଧଙ୍କ ମୃତଦେହ ଜବତ କରାଯାଇଛି। ସେ ହେଲେ ମୁକୁନ୍ଦ ସୌରା। ମୁକୁନ୍ଦ ଗତ ଦୁଇ ଦିନ ତଳେ ବଡ଼କୁମୁଲି ଗାଁକୁ ଯାଇ ଥିଲେ। ବାଟରେ ସେ ଖାଲରେ ପଡି ଯାଇଥିଲେ। ମୃତଦେହ ମିଳିବା ପରେ ତାଙ୍କ ପୁତୁରା ର୍ତିଲ ସୌରା ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ.୫/୨୩ ରେ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### କୋରାପୁଟ ବ୍ଲକ ନୂତନ ପେନ୍ସନଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘ ବୈଠକ

କୋରାପୁଟ,୧୨।୩(ସ୍ୱ.ପ୍ର.)-କୋରାପୁଟସ୍ଥିତ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହରେ କୋରାପୁଟ ବ୍ଲକ ନୂତନ ପେନସନଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୪ ତାରିଖ ସୁଦ୍ଧା ସେମାନଙ୍କ ୩ଟି ଦାବି ସମାଧାନ ନ ହେଲେ ୧୫ରୁ ୩ ଦିନ ପର୍ଯ୍ୟନ୍ତ ନୂତନ ପେନସନଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘ କର୍ମକର୍ତ୍ତାମାନେ ଛୁଟିରେ ରହିବେ ବୋଲି ଜିଲା ଆବାହକ ନରସିଂହ ପ୍ରଧାନ ସୂଚନା ଦେଇଛନ୍ତି। ଏହା ପରେ ବି ଯଦି ଦାବି ପୂରଣ ନ ହୁଏ ତେବେ ସାମୁହିକ ଛୁଟି ନେବାକୁ ବାଧ ହେବୁ ବୋଲି ସେ କହିଛନ୍ତି। ଠିକା ନିଯୁକ୍ତି ଉଚ୍ଛେଦ କରି ୬ ବର୍ଷର କାର୍ଯ୍ୟକାଳକୁ ମୂଳ ଚାକିରିରେ ଗଣନା କରିବା, ଅବିକଳ କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ କରିବା ଏବଂ ପୁରାତନ ପେନସନ ବ୍ୟବସ୍ଥା ଲାଗୁ କରିବାକୁ ଦାବି ରହିଥିବା କୋରାପୁଟ ବ୍ଲକ ସଂଘ ସଭାପତି ତ୍ରିଲୋକେଶ ପଣ୍ଡା କହିଛନ୍ତି। ବୈଠକରେ ସଂଘର ସମସ୍ତ କର୍ମକର୍ତ୍ତା ଯୋଗଦେଇ ଆଲୋଚନା କରିବା ସହ ୩ ଦିନ ଛୁଟିରେ ଯିବା ପାଇଁ ଦସ୍ତଖତ କରି ସହମତି ପ୍ରକାଶ କରିଛନ୍ତି।

### ବିଦ୍ୟାଳୟରେ କନିଷ୍ଠ ରେଡକ୍ରସ କାର୍ଯ୍ୟ ତଦାରଖ

ଜୟପୁର,୧୨।୩ (ନି.ପ୍ର.)- ସେବା ହିଁ ପରମ ଧର୍ମ,ସେବା ହିଁ ପରମ ତପ - ଏହି ମହନୀୟ ଭାବ ଧାରାରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ଉଦ୍‌ବୁଦ୍ଧ କରାଇବା ଲାଗି ଜିଲା ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାହାକଙ୍କ ନିର୍ଦ୍ଦେଶରେ ଜିଲା କନିଷ୍ଠ ରେଡ଼କ୍ରସ ଅଧିକାରୀ ଯଜ୍ଞେଶ୍ୱର ପଣ୍ଡା ବୈପାରିଗୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ, ମହୁଲି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଚନ୍ଦ୍ରାପଡା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଜି.ମାଝିଗୁଡ଼ା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, କାକଲପଡା ସରକାରୀ ଉଚ୍ଚ ବିଦ୍ୟାଳୟ କାକଲପଡା ଓ ଟାଙ୍ଗିଣିଗୁଡା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ବିଦ୍ୟାଳୟର କନିଷ୍ଠ ରେଡ଼କ୍ରସ କାର୍ଯ୍ୟ ତଦାରଖ କରିଥିଲେ। ବିଦ୍ୟାଳୟରେ ରେଡ଼କ୍ରସ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରଧାନ ଶିକ୍ଷୟିତ୍ରୀ, ପ୍ରଧାନଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ସମୟରେ ପ୍ରଧାନଶିକ୍ଷକ ବାଦଲ ପ୍ରକାଶ ବର୍ଦ୍ଧନ, ଭାବଗ୍ରାହୀ ରାଉଳ , ଆଲୋକରଞ୍ଜନ ମହାରଣା, ଭଞ୍ଜ କିଶୋର ବେହେରା ଓ ପ୍ରଧାନ ଶିକ୍ଷୟିତ୍ରୀ ମମତା ସଏ, ଉତ୍କଳ ଲକ୍ଷ୍ମୀ ଜେନା ଉପସ୍ଥିତ ଥିଲେ।

# ୩୦ବର୍ଷର ଜିଲାରେ ଏବେ ବି ଗମନାଗମନ ଅସୁବିଧା

- କାଠପୋଲ ନିର୍ମାଣ କଲେ ଗ୍ରାମବାସୀ
- ସ୍ଥାୟୀ ପୋଲ ନ ହେଲେ ଭୋଟ ବର୍ଜନ ନିଷ୍ପତ୍ତି

ରାୟଗଡ଼ା,୧୨।୩(ସ୍ୱ.ପ୍ର.)

୧୯୯୨ରେ ରାୟଗଡ଼ା ସ୍ୱତନ୍ତ୍ର ଜିଲାର ମାନ୍ୟତା ପାଇଥିଲା। ଏହି ଜିଲାକୁ ଇତିମଧ୍ୟରେ ୩୦ ବର୍ଷ ପୁରିଛି। ହେଲେ ଏବେ ବି ଜିଲାର ବହୁ ଅଞ୍ଚଳକୁ ଗମନାଗମନ ସୁବିଧା ନାହିଁ । ଜିଲାର ଉପାନ୍ତ ଅଞ୍ଚଳରେ ବିକାଶ କେବଳ କାଗଜ କଲମରେ ସିମୀତ ରହିଛି। ନଦୀ ପାର ହୋଇ ମୁଖ୍ୟ ରାସ୍ତା ସଂଯୋଗ ପଥକୁ ଆସୁଥିବା ଗ୍ରାମବାସୀ ବାରମ୍ବାର ପ୍ରଶାସନକୁ ଗୁହାରି କରିବା ପରେ ବି ପୋଲ ନିର୍ମାଣ ହେଲାନି। ତେଣୁ ଗ୍ରାମବାସୀ ନିଜ ଖର୍ଚ୍ଚରେ କାଠ ପୋଲ ନିର୍ମାଣ କରିଛନ୍ତି। ଜିଲାର କଲ୍ୟାଣସିଂହପୁର ବ୍ଲକରେ ଏଭଳି ଦେଖିବାକୁ ମିଳିଛି। କଲ୍ୟାଣସିଂହପୁର ବ୍ଲକ ଅନ୍ତର୍ଗତ ତଳସାଜା ଓ ଉପରସାଜା ଗ୍ରାମବାସୀ ନାଗାବଳୀ ନଦୀ ଉପରେ ନିଜସ୍ୱ ଜ୍ଞାନକୌଶଳରେ କାଠ ପୋଲ ନିର୍ମାଣ କରିଛନ୍ତି । ଆଗକୁ ଏଠାରେ ସ୍ଥାୟୀ ପୋଲ ନିର୍ମାଣ କରା ନ ଗଲେ ଭୋଟ ବର୍ଜନ କରିବେ ବୋଲି କହିଛନ୍ତି।


ଗ୍ରାମବାସୀ ନିର୍ମାଣ କରିଥିବା କାଠ ପୋଲ ।

କଲ୍ୟାଣସିଂହପୁର ବ୍ଲକ ନାଗାବଳୀ ନଦୀ ଅପରପାର୍ଶ୍ୱରେ ଅନେକ ଗ୍ରାମ ରହିଛି । ନଦୀରେ ଗଭୀର ପାଣି ଯୋଗୁ ଅଞ୍ଚଳବାସୀଙ୍କ ଗମନାଗମନରେ ଅସୁବିଧା ଭୋଗୁଥିଲେ। ଶିକରପାଇ ପଞ୍ଚାୟତର ତଳସାଜା ଓ ଉପରସାଜା, ପଲମା ପଞ୍ଚାୟତର ଏରେଗେଣ୍ଡା, ମାଣ୍ଡିପର ଓ କୁଶବାଟି, ମାଜିଗୁଡ଼ା ପଞ୍ଚାୟତର ନିମାଝଲା, କଟଲପାଡୁ ଓ ରଘୁନାଥପୁର ଗ୍ରାମବାସୀ ମୁଖ୍ୟତଃ ବର୍ଷା ଦିନେ ନଦୀରେ ଅଧିକ ଜଳ ପ୍ରବାହିତ ହେଉଥିବା ସମୟରେ ଯାତାୟାତ ପାଇଁ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଥିଲେ। ରୋଗୀଙ୍କୁ ଗାଁରୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା, ଛାତ୍ରୀଛାତ୍ର ସ୍କୁଲ ଓ କଲେଜ ଯିବାକୁ ହିନସ୍ତା ହେଉଥିଲେ। ଏହି ସମସ୍ୟା ଜିଲା ପ୍ରଶାସନ ଠାରୁ ଆରମ୍ଭ କରି ସ୍ଥାନୀୟ ବିଧାୟକ ଏବଂ କୋରାପୁଟ ଏମ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ହେଲେ ପୋଲ ନିର୍ମାଣ ପ୍ରତି କାହାରି ଆନ୍ତରିକତା ନ ଥିଲା। ତେଣୁ ଗ୍ରାମବାସୀ ଟଙ୍କା ଆଦାୟ କରି ମିଳିତ ଭାବେ ନଦୀ ଉପରେ କାଠ ପୋଲ ନିର୍ମାଣ କରିଛନ୍ତି। ଉକ୍ତ ପୋଲରେ ବାଇକ ମଧ୍ୟ ଯାତାୟତ କରିପାରୁଛି। ବର୍ଷାଦିନେ କାଠ ପୋଲ ନଷ୍ଟ ହୋଇଯାଉଥିବାରୁ ସ୍ଥାୟୀ ପୋଲ ନିର୍ମାଣ ଦାବି ହେଉଛି। ଏହି ସମସ୍ୟା ନେଇ କଲ୍ୟାଣସିଂହପୁର ବିଡ଼ିଓ ସୁନୀଲ ଖରାଙ୍କୁ ପଚାରିବାରେ ସେ ନୂତନ ଭାବେ ବ୍ଲକର ଦାୟିତ୍ୱ ନେଇଛନ୍ତି, ଖୁବ ଶୀଘ୍ର ସମସ୍ୟା ସମାଧାନ କରାଯିବ ବୋଲି କହିଛନ୍ତି ।

# ୨ ପଦବୀରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର

**ଓକିଲ ସଂଘ ନିର୍ବାଚନ**

ନବରଙ୍ଗପୁର,୧୨।୩(ବି.ପ୍ର.)

ନବରଙ୍ଗପୁର ଜିଲା ଓକିଲ ସଂଘ ନିର୍ବାଚନ ପ୍ରକ୍ରିୟାରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର କାର୍ଯ୍ୟ ଶେଷ ହୋଇଛି । ସଂଘର ମୋଟ ୬ଟି ପଦବୀ ମଧ୍ୟରୁ ୨ଟି ପଦବୀ ପାଇଁ ନାମାଙ୍କନ କରିଥିବା ପ୍ରାର୍ଥୀମାନେ ସେମାନଙ୍କ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଛନ୍ତି। ରବିବାର କୋଷାଧ୍ୟକ୍ଷ ପଦବୀରୁ ସ୍ନେହଲତା ଦେବୀ ନିଜ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଥିବା ବେଳେ କାର୍ଯ୍ୟକାରିଣୀ ସଦସ୍ୟ ପଦବୀରୁ ଗୋପାଳ ଶତପଥୀ ଓ ବାଲାଜୀ ମିଶ୍ର ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଛନ୍ତି । ପୂର୍ବରୁ ଯୁଗ୍ମ ସମ୍ପାଦକ ପଦବୀ ପାଇଁ ଜଣେ ମାତ୍ର ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିଲେ। ଏହିକ୍ରମରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ବର୍ତ୍ତମାନ ସଭାପତି, ଉପ ସଭାପତି ଓ ସମ୍ପାଦକ ପଦବୀ ପାଇଁ ନିର୍ବାଚନ ହେବ ବୋଲି ଜଣାପଡିଛି।

ସୂଚନାଯୋଗ୍ୟ, ବର୍ତ୍ତମାନ ସଭାପତି ପଦବୀ ପାଇଁ ନରସିଂହ ନାଥ ତ୍ରିପାଠୀ ଓ ଶ୍ୟାମ ପ୍ରସାଦ ଗନ୍ତାୟତ, ଉପ ସଭାପତି ପଦବୀ ପାଇଁ ହରିନାରାୟଣ ବେହେରା ଓ ବିଧୁ ଶେଖର ତ୍ରିପାଠୀ, ସମ୍ପାଦକ ପଦବୀ ପାଇଁ ମାନସ ତ୍ରିପାଠୀ ଓ ତପନ ସିଂ ନିର୍ବାଚନ ଲଢ଼ିବେ। ଆସନ୍ତା ୨୫ ତାରିଖରେ ନିର୍ବାଚନ ହେବ। ନିର୍ବାଚନକୁ ବରିଷ୍ଠ ଆଇନଜୀବୀ ତଥାନିର୍ବାଚନଅଧିକାରୀସିଏଚବାବାଯୁଗନ୍ଧର,ସହନିର୍ବାଚନଅଧିକାରୀଆଇନଜୀବୀ କିଶୋର ପଟ୍ଟନାୟକ ଓ ଆଇନଜୀବୀ ତାଜ ଇମ୍ରାନ ସରିଫ ପରିଚାଳନା କରୁଛନ୍ତି ।

# ୩ ସଭାପତି ପ୍ରାର୍ଥୀଙ୍କ ନାମାଙ୍କନ ପ୍ରତ୍ୟାହାର

**ଗୁଣପୁର ଓକିଲ ସଂଘ ନିର୍ବାଚନ**

ଗୁଣପୁର,୧୨।୩(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ଓକିଲ ସଂଘର ନିର୍ବାଚନ ପ୍ରକ୍ରିୟାରେ ରବିବାର ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। ଏହି କ୍ରମରେ ୩ ଜଣ ସଭାପତି ପ୍ରାର୍ଥୀ ସେମାନଙ୍କ ନାମାଙ୍କନପତ୍ର ପ୍ରତ୍ୟାହାର କରି ନେଇଛନ୍ତି। ସେମାନେ ହେଲେ କଷ୍ଟଚନ୍ଦ୍ର ସେନାପତି, ସରୋଜ ପାଣିଗ୍ରାହୀ ଏବଂ ଫଣୀ ଭୂଷଣ ପଟ୍ଟନାୟକ। ତେବେ ଅନ୍ୟ ସମସ୍ତ ପଦ ନିମନ୍ତେ ପ୍ରତିଦ୍ୱନ୍ଦିତା କରୁଥିବା କୌଣସି ପ୍ରାର୍ଥୀ ସେମାନଙ୍କ ନାମାଙ୍କନ ପ୍ରତ୍ୟାହାର କରି ନ ଥିବା ନିର୍ବାଚନ ଅଧିକାରୀ ଅକ୍ଷୟ କୁମାର ଶତପଥୀ ସୂଚନା ଦେଇଛନ୍ତି। ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ସଭାପତି ପାଇଁ ଆଉ ଦୁଇ ଜଣ ପ୍ରାର୍ଥୀ ରହିଛନ୍ତି। ସେମାନେ ହେଲେ ଉମା ଚରଣ ପଟ୍ଟନାୟକ ଏବଂ ଦେବୀ ପ୍ରସାଦ ଆଚାର୍ଯ୍ୟ। ଉପ ସଭାପତି ପାଇଁ ରମେଶ ଚନ୍ଦ୍ର ଲିମା ଏବଂ ଗଣେଶ ସାହୁ ,ସଂପାଦକ ପାଇଁ ବିଷ୍ଣୁ ପାଢ଼ି ଏବଂ ପ୍ରବିଣ ପଟ୍ଟନାୟକ, ଯୁଗ୍ମ ସଂପାଦକ ପାଇଁ ଆର.ଡି.ମିଶ୍ର, ସୁଧୀର ପତି ଏବଂ ଭାଗିରଥି ବାଙ୍ଗାରି ପ୍ରାର୍ଥୀ ରହିଛନ୍ତି। ୨୫ ତାରିଖ ସକାଳ ୮ଟାରୁ ଭୋଟ ଏବଂ ୪ଟାରୁ ଭୋଟ ଗଣତି ଏବଂ ଫଳାଫଳ ଘୋଷଣା ହେବ। କୋଷାଧ୍ୟକ୍ଷ ପଦବୀ ପାଇଁ କୈଳାସ ଶବର ଜଣେ ମାତ୍ର ନାମାଙ୍କନ ପତ୍ର ଦାଖଲ କରିଥିବାରୁ ସେ ନିଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି।

# ରକ୍ତଦାନ କରି ମହିଳା ଦିବସ ପାଳନ

ରାୟଗଡ଼ା ଅଫିସ/,ରାୟଗଡ଼ା (ସ୍ୱ.ପ୍ର.)୧୨।୩

ରାୟଗଡ଼ା ସହରର ଝଞ୍ଜାବତୀ ୱାକର୍ସ


ଜଣେ ମହିଳା ରକ୍ତ ଦାନ କରୁଛନ୍ତି ।

କ୍ଲବ ସଦସ୍ୟା ରକ୍ତଦାନ ଶିବିର କରି ମହିଳା ଦିବସ ପାଳନ କରିଛନ୍ତି। ଏହି ରକ୍ତଦାନ ଶିବିରରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷା ଅନୁସୟା ମାଝି ମୁଖ୍ୟ ଅତିଥି, ପୌର ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡା ଓ ଏରିଆ ଚିଫ୍ କୋ-ଅର୍ଡ଼ିନେଟର ସତ୍ୟବାଦୀ ପତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିବିରରେ ମୋଟ ୩୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। କ୍ଲବର ୧୦ଜଣ ସଦସ୍ୟା ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ । ସଂଗୃହୀତ ରକ୍ତ ଜିଲା ମୁଖ୍ୟ ଚିକିତ୍ସାଳୟ ବ୍ଲଡ଼ ବ୍ୟାଙ୍କକୁ ହସ୍ତାନ୍ତର କରାଯାଇଛି । କ୍ଲବ ସଭାପତି ଅରୁଣା ବେହେରାଙ୍କ ଦ୍ୱାରା ଆୟୋଜିତ ଏହି ଶିବିରରେ ସମ୍ପାଦିକା ରଶ୍ମିତା ପଣ୍ଡା, କୋଷାଧକ୍ଷା ନମିତା ପାଢ଼ୀ, ଉପସଭାପତି ରୀନା ସେନାପତି ଓ ସୁଜାତା ମାଦଳାଙ୍କ ସମେତ ସମସ୍ତ ସଦସ୍ୟା ଶିବିରରେ ଉପସ୍ଥିତ ଥିଲେ ।

# ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କାଲିମେଳା,୧୨।୩(ଡି.ଏନ୍.ଏ.)

ମାଲକାନଗିରି ଜିଲା କାଲିମେଳା ବ୍ଲକ ସଭାଗୃହରେ ଅବସର ଗ୍ରହଣ କରିଥିବା ଜଣେ ଶିକ୍ଷକ ଓ ଜଣେ ଶିକ୍ଷୟିତ୍ରୀଙ୍କ ଲାଗି ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଶିକ୍ଷକ ଅକ୍ଷୟ କୁମାର ପଣ୍ଡା ଏବଂ ଶିକ୍ଷୟିତ୍ରୀ ପୂର୍ଣ୍ଣିମା ସେନାପତି ଅବସର ଗ୍ରହଣ କରିଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । କାର୍ଯ୍ୟକ୍ରମକୁ କାଲିମେଳା ପ୍ରାଥମିକ ଶିକ୍ଷକ ସଂଘ (ନୂତନ ପେନସନ ଭୁକ୍ତ)ଙ୍କ ପକ୍ଷରୁ ଆୟୋଜନ କରାଯାଇଥିଲା । ଏଥିରେ ମାଲାକାନଗିରି ବିଧାୟକ ଆଦିତ୍ୟ ମାଢ଼ୀ ମୁଖ୍ୟ ଅତିଥି, ଗୋଷ୍ଠୀ ଶିକ୍ଷା ଅଧିକାରୀ ରମେଶ ବାରୋଇ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବସନ୍ତ କୁମାର ବେହେରା, ପୂର୍ବତନ ବ୍ଲକ ଅଧକ୍ଷ ମାଲା ମାଢ଼ି, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନିମେସ ମଣ୍ଡଳ, ଅବସର ପ୍ରାପ୍ତ ଶିକ୍ଷକ ଜୟନ୍ତ କୁମାର ସାମଲ, ନୂତନ ପେନସନ ଭୁକ୍ତ ଶିକ୍ଷକ ଜିଲା ସଂଘ ସଭାପତି ରାମ ପ୍ରସାଦ ପାଢୀ, ଜାତୀୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ନବ କିଶୋର ମଲ୍ଲିକ, କେ ପୂର୍ଣ୍ଣଚନ୍ଦ୍ର ପାତ୍ର, ସମୀର ଗୋପ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହିଥିଲେ। ଏହି ଅବସରରେ ଅତିଥିମାନେ ଅବସର ଗ୍ରହଣ କରିଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସ୍ମୃତି ମନେ ପକାଇବା ସହ ତାଙ୍କର ଦୀର୍ଘ ଜୀବନ କାମନା କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ହରିଶ କର, ସନାତନ ନାୟକ, ଦଳଗୋବିନ୍ଦ ବଶ୍ୱାଳ, ତାପସ ମହାକୁଲ, ପ୍ରଫୁଲ୍ଲ ଜେନା, ଦୀପ୍ତି ରଞ୍ଜନ ରାଉତ, ମାନସ ରଞ୍ଜନ ରାଉତ, ନାରାୟଣ ପ୍ରଧାନ ଶିକ୍ଷୟିତ୍ରୀ ରଞ୍ଜିତା ଜେନା କୌଶଲ୍ୟା ବେହେରା ପ୍ରମୁଖ ସହଯୋଗ କରିଥିବା ବେଳେ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ରହିଥିଲେ ।

# ମନ୍ଦିର ପରିସରରେ ଯୁବକଙ୍କ ଆତ୍ମହତ୍ୟା

ଉମରକୋଟ,୧୨।୩(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଉମରକୋଟ ସହରର ଅଧିଷ୍ଠାତ୍ରୀ ଦେବୀ ମା' ପେଣ୍ଡରାଣୀଙ୍କ ମନ୍ଦିର ପରିସରରେ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଉମରକୋଟ ଟିକିରା ସାହିର ଭୀମ ହରିଜନ। ଭୀମ ଉମରକୋଟ ପୌର ପରିଷଦର ଜଣେ କାଉନସିଲରଙ୍କ ଭାଇ ବୋଲି ଜଣାପଡ଼ିଛି। ଭୀମ ମନ୍ଦିର ପରିସର ରୋଷେଇ ଘରେ ବେକରେ ବାନ୍ଧି ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିଲେ। ମନ୍ଦିର ପରିଚାଳନା କମିଟି ସଭାପତି ତଥା ପୂର୍ବତନ ନଗରପାଳ ପି.ରାବଣା ରାଓ, ସଂପାଦକ ଗଜି ନାୟକ, ସମାଜିକ କର୍ମୀ ରଜତ ସାନ୍ତ୍ରା, ଗୋପାଳ ପଟନାୟକ, କାଉନସିଲର ମନୋଜ କୁମାର ନାୟକ, ଭୈରବ ମିଶ୍ର, ଏସ. ବିଜୟ ପ୍ରମୁଖ ଘଟଣାସ୍ଥଳକୁ ଆସି ମୃତଦେହ ଝୁଲୁଥିବା ଦେଖିଥିଲେ। ପରେ ସେମାନେ ଉମରକୋଟ ଥାନାକୁ ଯାଇ ତୁରନ୍ତ ମୃତଦେହ ବାହାର କରିବାକୁ ପୋଲିସକୁ ଅନୁରୋଧ କରିଥିଲେ। ତହସିଲଦାର ତୁଳା ମାଝୀଙ୍କ ଉପସ୍ଥିତିରେ ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ମୃତକଙ୍କ ବାପାଙ୍କ ଅଭିଯୋଗ ପ୍ରକାରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଅନ୍ୟପଟେ ପେଣ୍ଡରାଣୀ ମନ୍ଦିର ପରିସରରେ ଗଙ୍ଗା ଜଳ ସିଞ୍ଚନ କରାଯାଇଛି।ମ୍ ଏଥିଲାଗି ମା'ଙ୍କ ପୂଜାର୍ଚ୍ଚନା ବିଳମ୍ବ ହୋଇଥିବା ବେଳେ ଭକ୍ତଙ୍କ ପାଇଁ ପୂର୍ବାହ୍ନ ପ୍ରାୟ ୧୧ଟାରେ ମନ୍ଦିର ଖୋଲାଯାଇଥିଲା।

# ଗଜପତିର ମହିଳା ଦାଦନଙ୍କ ପଦ୍ମପୁରରେ ପ୍ରସବ

ପଦ୍ମପୁର,୧୨।୩(ଡି.ଏନ୍.ଏ.)

ଅରୁଣାଞ୍ଚଳ ପ୍ରଦେଶକୁ ଦାଦନ ଖଟିବାକୁ ଯାଇ ସ୍ୱାମୀଙ୍କ ସହ ଫେରିଥିବା ଗଜପତି ଜିଲାର ଜଣେ ମହିଳା ରାୟଗଡ଼ା ଜିଲା ପଦ୍ମପୁର ମେଡିକାଲରେ ପ୍ରସବ କରିଛନ୍ତି। ଗଜପତି ଜିଲା ଅଞ୍ଚଳର ଜନ ବଡରଇତ ତାଙ୍କ ସ୍ତ୍ରୀ ଊର୍ମିଳା ଶବର ଦାଦନ ଖଟିବାକୁ ଅରୁଣାଞ୍ଚଳ ପ୍ରଦେଶ ଯାଇଥିଲେ। ଊର୍ମିଳା ଗର୍ଭବତୀ ଥିବା ଓ ସେଠାରେ ଅର୍ଥ ଅଭାବରୁ ଦମ୍ପତି ଫେରି ଆସିଥିଲେ ମଧ ଗାଁକୁ ଯାଇ ନ ଥିଲେ। ଗତ ଗୁରୁବାର ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ ଅନ୍ତର୍ଗତ ଗୁଲୁଗୁଡାକୁ ସମ୍ପର୍କୀୟ ଭାଣିଜୀଙ୍କ ଘରକୁ କିଛି ସାହାର୍ଯ୍ୟ ଆଶାରେ ଆସିଥିଲେ। ଏଭଳି ସ୍ଥିତିରେ ଊର୍ମିଳା ପ୍ରସବ ଯନ୍ତ୍ରଣା ପାଇବାରୁ ଗୁଲୁଗୁଡାର ଆଶାକର୍ମୀଙ୍କ ସହାୟତାରେ ତାଙ୍କୁ ପଦ୍ମପୁର ମେଡିକାଲକୁ ଅଣାଯାଇଥିଲା। ସେଠାରେ ସେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଛନ୍ତି। ଊର୍ମିଳାଙ୍କୁ ଖାଇବାକୁ ଦେବା ଲାଗି ଜନଙ୍କ ପାଖରେ ପଇସାପତ୍ର ନ ଥିଲା। ମେଡିକାଲର ସ୍ୱାସ୍ଥ୍ୟକର୍ମୀ ପ୍ରତିମା


ପଦ୍ମପୁର ଡାକ୍ତରଖାନାରେ ଗଜପତିର ମହିଳା ଓ ତାଙ୍କ ପରିବାର ।

ବିଶୋଇ ଓ କର୍ମଚାରୀ ଶିବ ପଣ୍ଡା କିଛି ଶୁଖିଲା ଖାଦ୍ୟ ଦେଇଥିଲେ। ପରେ ପଦ୍ମପୁର ସରପଞ୍ଚ ପ୍ରକାଶ କଣ୍ଡାଗିର ପହଞ୍ଚି ପ୍ରସୂତିଙ୍କୁ କ୍ଷୀର ବିସ୍କୁଟ ଆଦି ଦେଇଥିବା ବେଳେ ବ୍ଲକ ଉପାଧ୍ୟକ୍ଷ ରମେଶ ସାହୁ ଦମ୍ପତିଙ୍କ ପାଇଁ ରନ୍ଧା ଖାଦ୍ୟ ବ୍ୟବସ୍ଥା କରିଥିଲେ। ପଦ୍ମପୁର ବିଡିଓ ରିନା ପ୍ରଧାନ, ଗ୍ରାମ ସେବକ ଶ୍ୟାମ ସୁନ୍ଦର ପାଣିଗ୍ରାହୀଙ୍କ ସହ ବ୍ଲକର କେତେଜଣ କର୍ମଚାରୀ ମଧ ଦମ୍ପତିଙ୍କୁ ସହଯୋଗ କରିଥିଲେ। ସେମାନଙ୍କ ଆଧାର କାର୍ଡ କି ଭୋଟ ପରିଚୟ ପତ୍ର ମିଳିଲେ ସମ୍ପୂର୍ଣ୍ଣ ସହଯୋଗ କରାଯିବ ବୋଲି ବିଡିଓ କହିଛନ୍ତି।

# ଖବରଦାତା ସଂଘ ଗୃହ ଲାଗି ଭୂମିପୂଜା


ଭୂମିପୂଜା କାର୍ଯ୍ୟକ୍ରମରେ ଉପସ୍ଥିତ ଖବରଦାତାମାନେ ।

ପାପଡାହାଣ୍ଡି,୧୨।୩(ଡି.ଏନ.ଏ.)

ପାପଡାହାଣ୍ଡି ବ୍ଲକ ଖବରଦାତା ସଂଘ ଗୃହ ନିର୍ମାଣ ଲାଗି ପୁରୁଣା ମେଡିକାଲ ନିକଟରେ ରବିବାର ଭୂମିପୂଜା ହୋଇଛି। ଏଥିଲାଗି ସଂଘ ସଭାପତି ଏନ୍. ଜନାର୍ଦ୍ଦନ ରାଓଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡାବୁଗାଁ ବିଧାୟକ ମନୋହର ରନ୍ଧାରି, ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ବ୍ଲକ ଉପାଧକ୍ଷ ସୁଶାନ୍ତ ବେହେରା, ଜିଲା ପରିଷଦ ସଭ୍ୟା ଲିପିକା ମାଝୀ, ବିଡ଼ିଓ ଦିବାକର ବାଗ, ତହସିଲଦାର ଯୋଗେଶ୍ୱର ଭୋଇ, ଏଡିପିଓ ଆଦିତ୍ୟ ସେନ, ଆଇଆଇଆସି ଦୀପକ ଜେନା, ଜିଲା ଭାଜପା ସଭାପତି ଜଗଦୀଶ ଚନ୍ଦ୍ର ବିଶୋଇ, ଆଇନଜୀବୀ ସ୍ୱାଧୀନ ପଟ୍ଟନାୟକ, ପୂର୍ବତନ ବ୍ଲକ ଅଧକ୍ଷ ସୋମନାଥ ବିଶୋଇ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖବରଦତାତା ସ୍ୱପ୍ନଜିତ ପଟନାୟକ, ଗୌତମ ଅଗ୍ରୱାଲ, ପ୍ରବୀଣ ଶତନାମୀ, ସିଦ୍ଧାର୍ଥ ଜୁଏଲ, ଏମଡି ମୁସ୍ତାକ, କିଶୋର ବିଶୋଇ, ବିଜୟ ବିଶୋଇ, ରାମ ପ୍ରସାଦ ଦାସ, ଭି. ଶ୍ରୀନିବାସ, ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ତ୍ରିନାଥ ଅମନାତ୍ୟ, ଓମ ପ୍ରକାଶ ଦାସ, ସୁରେଶ ଦୋରା, ଶତିକାନ୍ତ ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ନବରଙ୍ଗପୁର ଜିଲାରେ ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ିଛି

**ଖବରଦାତା ସମ୍ମିଳନୀରେ କଂଗ୍ରେସର ଅଭିଯୋଗ**

ନବରଙ୍ଗପୁର,୧୨।୩(ବି.ପ୍ର.)

ସବୁ କ୍ଷେତ୍ରରେ ପଛୁଆ ଜିଲା ଭାବେ ପରିଗଣିତ ନବରଙ୍ଗପୁରରେ ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ିବାରେ ଲାଗିଛି। ଜିଲାରେ ଚଳିତବର୍ଷ ମାଟ୍ରିକ ପରୀକ୍ଷା ଦେବାକୁ ଫର୍ମ ପୂରଣ କରି ମଧ ମୋଟ ୯୭୩ଜଣ ପରୀକ୍ଷାର୍ଥୀ ପ୍ରଥମ ଦିନର ଓଡ଼ିଆ ପରୀକ୍ଷା ଦେଇନାହାନ୍ତି। ଶିକ୍ଷା ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶକୁ କେହି ମାନିବାକୁ ନାରାଜ। ତାଙ୍କ ପରିଚାଳନାଗତ ତ୍ରୁଟି ଯୋଗୁ ଜିଲାରେ ଶିକ୍ଷାର ମୂଳଦୁଆ ଭାଙ୍ଗି ପଡୁଛି । ବିଦ୍ୟାଳୟଗୁଡିକରେ ଛାତ୍ରୀଛାତ୍ର ନିଜେ ଫର୍ମ ପୂରଣ କରିଥିଲେ ନା କେବଳ ସେମାନଙ୍କ ଲାଗି ଆସୁଥିବା ଷ୍ଟାଇପେଣ୍ଡ, ପୋଷାକ ପତ୍ର ପାଇଁ ସଂଖ୍ୟା ବଢ଼ାଯାଇଛି କି ଏହା ରାଜ୍ୟ ସରକାର ଏବଂ ଜିଲା ଶିକ୍ଷା ବିଭାଗର ନୂଆ ଷଡ଼ଯନ୍ତ୍ର ବୋଲି ଏଆଇସିସି ସଭ୍ୟା ମନସା ତ୍ରିପାଠୀ ପ୍ରଶ୍ନ ଉଠାଇଛନ୍ତି। ସ୍ଥାନୀୟ କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀ ସମ୍ମିଳନୀରେ ଏଆଇସିସି ସଭ୍ୟା ତଥା ଛାତ୍ର କଂଗ୍ରେସ



ଖବରଦାତା ସମ୍ମିଳନୀରେ କଂଗ୍ରେସ କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି ।

ସଦସ୍ୟା ମନସା ଅଧକ୍ଷତା କରି ରାଜ୍ୟ ସରକାରଙ୍କ ଶିକ୍ଷା ବ୍ୟବସ୍ଥା ଉପରେ ଆଙ୍ଗୁଳି ଉଠାଇଥିଲେ। କେବଳ ୫ଟି ନାଁରେ ଖାଲି କୋଠା ବାଡ଼ି ତିଆରି ଚାଲିଛି । ବାସ୍ତବରେ ମାଟ୍ରିକ ଛାତ୍ର ଯାହାର ବୟସ ମାତ୍ର ୧୫ ବର୍ଷ ସେ ଆଜି ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛି। ଏହାକୁ ନେଇ ନବରଙ୍ଗପୁର ଜିଲା ରାଜ୍ୟସ୍ତରରେ ଲଜ୍ଜିତ । ରାଜ୍ୟ ସରକାର ତୁରନ୍ତ ଏଥିରେ ହସ୍ତକ୍ଷେପ କରି ପ୍ରକୃତ ସତ୍ୟାସତ୍ୟ ବାହାର କରନ୍ତୁ । ସେପଟେ ଯାତାୟାତ ଖର୍ଚ୍ଚ ଦେଇ ନିଜ ବିଦ୍ୟାଳୟ ପରିବର୍ତ୍ତେ ଅନ୍ୟ ବିଦ୍ୟାଳୟ କେନ୍ଦ୍ରକୁ ଯାଇ ଗରିବ ପିଲା ପରୀକ୍ଷା ଦେବାକୁ ଅସମର୍ଥ ହୋଇପଡୁଛନ୍ତି। ଜିଲା ଶିକ୍ଷା ଅଧିକାରୀଙ୍କ ପ୍ରତି ଶିକ୍ଷକଙ୍କ ଭୟ ନାହିଁ। ପୂର୍ବରୁ ସିଆଇ ଏବଂ ଡିଆଇ ରହୁଥିଲେ। ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ଭୟ ରହୁଥିଲା । ପିଲାଙ୍କ ପାଖରେ ପାଠ୍ୟ ପୁସ୍ତକ ନାହିଁ । ଅର୍ଥ ଅଭାବ ଯୋଗୁ ମାଟ୍ରିକ ପାସ ପରେ ପିଲା ଉଚ୍ଚ ଶିକ୍ଷା ପାଇଁ ଇଚ୍ଛା ପ୍ରକାଶ କରୁନାହାନ୍ତି। କଲେଜରେ ମାତ୍ରାଧିକ ଡୋନେସନ । ଗାଁରୁ ସହରକୁ ଆସି ପିଲା ଘରଭଡା ଦେଇ ପାଠପଢ଼ିବା ସମ୍ଭବ ହେଉନି। ବିଦ୍ୟାଳୟରେ ଶିକ୍ଷକ ଲମ୍ବା ଛୁଟିରେ ରହିଲେ ଦରମା କରାଯାଉଛି। ବିନାଛୁଟିରେ ଶିକ୍ଷୟିତ୍ରୀ ଶିକ୍ଷକ ଘରେ ରହିଲେ ମଧ୍ୟ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଏ ସମସ୍ତ ଘଟଣାକୁ ଦେଖିଲେ ଜିଲାରେ ଶିକ୍ଷା ବ୍ୟବସ୍ଥା କେତେ ନିମ୍ନଗାମୀ ହୋଇପଡିଛି ତାହା ଜଣାପଡୁଛି ବୋଲି ମନସା କହିଛନ୍ତି। ଖବରଦାତା ସମ୍ମିଳନୀରେ ଛାତ୍ର କଂଗ୍ରେସ ସଭାପତି ପବିତ୍ର ଚନ୍ଦ୍ର, ପିସିସି ସଭ୍ୟା ହରାବତୀ ଗଣ୍ଡ, ଦିବାକର ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ।

भारतीय विमानपत्तन प्राधिकरण
AIRPORTS AUTHORITY OF INDIA
BIJU PATNAIK INTERNATIONAL AIRPORT, BHUBANESWAR

ସାଧାରଣ ବିଜ୍ଞପ୍ତି

ଏତଦ୍ୱାରା ସର୍ବସାଧାରଣ ଓ ସଂପୃକ୍ତ ବ୍ୟକ୍ତିଙ୍କୁ ସୂଚୀତ କରାଯାଉଛି ଯେ ପୂର୍ବରୁ ରେଜିଷ୍ଟ୍ରେସନ ନଂ ଭିଟି-ଆରଇକ୍ୟୁ (ବିଚ ୧୯୦୦ଡି ଏମଏସଏନ ୟୁଇ ୪୦୭) ପୂର୍ବରୁ ମେସର୍ସ ଏୟାର ଓଡ଼ିଶା ଆଭିଏଶନ ପ୍ରାଇଭେଟ ଲିମିଟେଡ ଦ୍ୱାରା ପରିଚାଳିତ ଭୁବନେଶ୍ୱର ବିମାନ ବନ୍ଦରରେ ପରିତ୍ୟକ୍ତ ହୋଇ ପଡ଼ିଛି । ଏହା କାର୍ଯ୍ୟକ୍ଷମ ନିରାପତ୍ତାକୁ ବିପଦରେ ପକାଇ ସ୍ୱେଶ ପ୍ରତିବନ୍ଧକ ସୃଷ୍ଟି କରୁଛି ଏବଂ ପାର୍କିଂ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସେବା ପାଇଁ ଭାରତୀୟ ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କ ଦେୟ ବହନ କରୁଛି । ଏହି ସଂମ୍ପର୍କରେ ବିମାନ ବନ୍ଦର ପ୍ରାଧିକାରୀ, ବିପିଆଇ ବିମାନ ବନ୍ଦର, ଭୁବନେଶ୍ୱର, ଏୟାରପୋର୍ଟ ଅଥୋରିଟି ଅଫ ଇଣ୍ଡିଆ ଅଧିନିୟମ ୧୯୯୪ ଓ ୧୩.୧୦.୨୦୨୦ ବ୍ୟବସ୍ଥା ଅଧିନରେ ଏକ ଅନ୍ତିମ ଆଦେଶ ପାସ କରିବା ପୂର୍ବରୁ ଏଭିଏସନ ଓ ପୁନରୁଦ୍ଧାର ପ୍ରକ୍ରିୟା ଆରମ୍ଭ କରିଥିଲେ । ଅନ୍ୟପକ୍ଷରେ ଜଜମେଂଟ ଡେବଟର ମେସର୍ସ ଏୟାର ଓଡ଼ିଶା ଆଭିଏଶନ ପ୍ରାଇଭେଟ ଲିମିଟେଡ ଏ ପର୍ଯ୍ୟନ୍ତ ଏହି ନିର୍ଦ୍ଦେଶକୁ ପାଳନ କରି ନାହାନ୍ତି । ଏଥିପାଇଁ ମେସର୍ସ ଏୟାର ଓଡ଼ିଶା ଆଭିଏଶନ ପ୍ରାଇଭେଟ ଲିମିଟେଡକୁ ପାର୍କ ହୋଇଥିବା ଉକ୍ତ ଏୟାରକ୍ରାଫ୍ଟକୁ ଅପସାରିତ କରିବା ଓ ଏଏଆଇର ବକେୟା ଦେୟ ପରିଶୋଧ ପାଇଁ ଅନେକ ନୋଟିସ ପଠାଯାଇଛି, କିନ୍ତୁ ଏହା ଏ ପର୍ଯ୍ୟନ୍ତ ପାଳିତ ହୋଇ ନାହିଁ ।

ତେଣୁ ଏହି ସାର୍ବଜନୀନ ବିଜ୍ଞପ୍ତି ପ୍ରଦାନ ତାରିଖ ଠାରୁ ଏକ ମାସ ମଧ୍ୟରେ ଏଏଆଇର ବକେୟା ଦେୟ ପ୍ରଦାନ କରିବା ଓ ଏଏଆଇ ବିପିଆଇ ବିମାନ ବନ୍ଦର ପରିସରରୁ ବିମାନକୁ ହଟାଇବା ଲାଗି ସମସ୍ତ ସଂପୃକ୍ତ ବ୍ୟକ୍ତିଙ୍କୁ ଏକ ସୁଯୋଗ ଦିଆଯାଉଛି । ୩୧.୧୨.୨୦୨୨ ତାରିଖ ସୁଦ୍ଧା ସମୁଦାୟ ବକେୟା ଦେୟ ହେଉଛି ଟ. ୨୦,୬୬,୮୦୦.୭୯ ।

ଉପରୋକ୍ତ ଦେୟ ଜମା ନକରିବା/ ପାଳନ ନକରିବା କ୍ଷେତ୍ରରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନକୁ ଅନ୍ତର୍ଭୁକ୍ତ କରାଯିବ ଯାହା ଉକ୍ତ ବିମାନ ସର୍ବସାଧାରଣରେ ନିଲାମକୁ ସୀମିତ ନରଖି ଉକ୍ତ ବକେୟା ଦେୟ ଅସୁଲି ଓ ବିମାନ ଅପସାରଣ ପାଇଁ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇ ପାରେ ।

ଆଦେଶ ଅନୁଯାୟୀ
ବିମାନ ବନ୍ଦର ପ୍ରାଧିକରଣ

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୩ ମାର୍ଚ୍ଚ, ୨୦୨୩



## ସଂକ୍ଷେପରେ

### ଲାଠିକଟାରରେ ଯାଦବ ମହାସଭା ବୈଠକ

ଜୟପୁର, ୧୨।୩ (ନି.ପ୍ର.)- କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ ହରଡାଗୁଡ଼ା ପଞ୍ଚାୟତ ଲାଠିକଟାର ଗ୍ରାମରେ ଜିଲା ଯାଦବ ମହାସଭାର ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଛି । ଜିଲା ସାଧାରଣ ସମ୍ପାଦକ ରାଜେନ୍ଦ୍ର ଗୌଡ଼ଙ୍କ ପୌରହିତ୍ୟରେ ହୋଇଥିବା ଏହି ବୈଠକରେ ମାର୍ଚ୍ଚ ୨୬ ଜୟପୁର ଦଶହରା ପଡିଆରେ ହେବାକୁ ରହିଥିବା 'ଗୌଡ଼ ଗର୍ଜନ ସମାବେଶ' ସମ୍ପର୍କରେ ଆଲୋଚନା ହୋଇଥିଲା । ନକୁଳ ଗୌଡ଼ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଉପ ସଭାପତି ମଦନ ମୋହନ ନାୟକ, ମୁଖ୍ୟବକ୍ତା ଅବିଭକ୍ତ କୋରାପୁଟ ଜିଲା ଆବାହକ ସାଥୀରାମ ନାୟକ, ସଂଯୋଜକ ମନୋଜ ମହାକୁଡ଼, ସୀମାଞ୍ଚଳ ମହାକୁଡ଼, ପ୍ରମୋଦ ନାୟକ, ଜିଲା ଯୁବ ସଭାପତି ନରେଶ ମହାକୁକ, ସାଧାରଣ ସମ୍ପାଦକ ଶ୍ରୀଚନ୍ଦନ ନାୟକ, ଜୟପୁର ବ୍ଲକ ସଭାପତି ଗୁପ୍ତ ପ୍ରସାଦ ଗୌଡ଼ ପ୍ରମୁଖ ଯୋଗ ଦେଇ ଆଲୋଚନା କରିଥିଲେ । ଆଗାମୀ କାର୍ଯ୍ୟକ୍ରମ ସୁପରିଚାଳନା ନେଇ କମଳ ଲୋଚନ ଗୌଡ଼ଙ୍କୁ ଦଶମନ୍ତପୁର ବ୍ଲକ, ଅଭିମନ୍ୟୁ ନାୟକଙ୍କୁ ବୋରିଗୁମ୍ମା ବ୍ଲକ, ଶ୍ରୀଧର ନାୟକଙ୍କୁ ଜିଲା ଯୁବ ସମ୍ପାଦକ ଦାୟିତ୍ୱ, ଖଗେଶ୍ୱର ମହାକୁଡ଼ଙ୍କୁ ଚାନ୍ଦବେଡା, ଖରାଗୁଡା, ଝୁଲିକିବେଡା ଦାୟିତ୍ୱ, ଘାସି ଗୌଡ଼ଙ୍କୁ ଚାକଲି, ମଙ୍ଗଳା ଗୌଡ଼ଙ୍କୁ ଅଡ଼ପୁର, ଅର୍ଜୁନ ଗୌଡ଼ଙ୍କୁ ଜଡ଼କାଗୁଡା ସୁକୁରିଗୁଡା ପାଇଁ ଟଙ୍କଧର ଗୌଡ଼ଙ୍କୁ ସଭାପତି ଭାବେ ଦୟିତ୍ୱ ପ୍ରଦାନ କରାଯାଇଥିଲା ।

### ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

ବ୍ରହ୍ମପୁର ଅଫିସ,୧୨।୩: ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ସଦର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଉଛନ୍ତି ପ୍ରୀତମ ଗୌଡ଼(୨୧)। ମାମଲା ନମ୍ବର ୧୫୬/୨୩ରେ ତାଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି। ଗତ ୬ ତାରିଖ ରାତିରେ ସଦର ଥାନା ଅଞ୍ଚଳରେ ରହୁଥିବା ଜଣେ ମହିଳା ପରିସ୍ରା ପାଇଁ ବାରିପଟକୁ ଯାଇଥିଲେ। ସେଠାରେ ଜଣେ ଯୁବକ ତାଙ୍କୁ ଛୁରି ଦେଖାଇ ଭୟଭୀତ କରି ବଳାତ୍କାର କରିଥିଲେ। ମହିଳା ଜଣଙ୍କ ତାଙ୍କ ସ୍ୱାମୀଙ୍କୁ କହିଥିଲେ। ପରେ ମହିଳା ଜଣଙ୍କ ଏନେଇ ସଦର ଥାନାରେ ଅଭିଯୋଗ କରିଥିଲେ।

### ୨୦ ସୁଦ୍ଧା ସ୍ମାର୍ଟ ସ୍କୁଲ କାର୍ଯ୍ୟ ଶେଷକର

**ଭଞ୍ଜନଗର, ୧୨।୩(ଡି.ଏନ୍.ଏ):** ଗଞ୍ଜାମ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ କୀର୍ତ୍ତିଭାସନ ଭି (ସିଡିଓ) ଶନିବାର ଭଞ୍ଜନଗର ବ୍ଲକ ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ୫-ଟି ହାଇସ୍କୁଲ କାର୍ଯ୍ୟ ଉପରେ ମଧ ସମୀକ୍ଷା କରିଥିଲେ। ଏହାପରେ ସେ ସ୍ମାର୍ଟ ସ୍କୁଲ କାର୍ଯ୍ୟ ଚାଲିଥିବା ଲାଲସିଂ କେ ଆର ହାଇସ୍କୁଲ, ବୁଦୁଲି, ବଦାଙ୍ଗି, ରାଇପଲ୍ଲୀ, ଶ୍ରୀବସ୍ତ ହାଇସ୍କୁଲ ପରିଦର୍ଶନ କରି ଆସନ୍ତା ୨୦ ତାରିଖ ସୁଦ୍ଧା ସ୍ମାର୍ଟ ସ୍କୁଲ କାର୍ଯ୍ୟ ଶେଷ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସିଡିଓଙ୍କ ଗସ୍ତ ସମୟରେ ବିଡିଓ ଶଶିଭୂଷଣ ମହାପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ୟାମଘନ ପ୍ରଧାନ, ଯନ୍ତ୍ରୀ ମନୋରଞ୍ଜନ ପ୍ରଧାନ, ସଚିତ କର, ଲାଲସିଂ ହାଇସ୍କୁଲ ପ୍ରଧାନଶିକ୍ଷକ ରାଧାକୃଷ୍ଣ ଗଡ଼ନାୟକ, ସାମାଜିକ କର୍ମୀ ବିଷ୍ଣୁ ପ୍ରସାଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ତାଲା ବନ୍ଦ ଘରୁ ଅଳଙ୍କାର ଚୋରି

**ବ୍ରହ୍ମପୁର ଅଫିସ,୧୨।୩:** ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ବେନ୍ଧାଳିଆ ଗ୍ରାମର ଏକ ତାଲା ବନ୍ଦ ଘରୁ ୩ଲକ୍ଷ ଟଙ୍କାର ସୁନା ଅଳଙ୍କାର ଓ ପିତ୍ତଳ ସାମଗ୍ରୀ ଚୋରି ହୋଇଛି। ଅଭିଯୋଗ ପରେ ପୋଲିସ ନଂ. ୧୬୨/୨୩ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ବସନ୍ତ କୁମାର ସାହୁ ବେନ୍ଧାଳିଆ ଗ୍ରାମର ମୂଳ ନିବାସୀ ହୋଇଥିବା ବେଳେ ପିଲାଙ୍କ ପାଠପଢା ପାଇଁ ସେ ପୁରୁଣା ବ୍ରହ୍ମପୁରରେ ରହୁଥିଲେ। ଶନିବାର ରାଧାକାନ୍ତଙ୍କୁ ତାଙ୍କ ଗ୍ରାମର ଜଣେ ଲୋକ ଘରର ଗ୍ରୀଲ ଭଙ୍ଗା ଯାଇଥିବା ନେଇ ଫୋନ କରି ଜଣାଇଥିଲେ। ଘର ଭିତରକୁ ଯାଇ ଦେଖିବା ବେଳେ ଆଲମିରା ଭଙ୍ଗା ଯାଇ ସେଥିରେ ଥିବା ୫ଭରିର ସୁନା ଅଳଙ୍କାର, ପିତ୍ତଳ ହଣ୍ଡା, ମାଠିଆ, ଥାଳି, ଗୁଣ୍ଡା, ଗିନା ଓ ୫୦ ହଜାର ଟଙ୍କାର ଘରକରଣା ସାମଗ୍ରୀ ଗାଏବ ଥିଲା। ପରେ ଏ ନେଇ ସେ ସଦର ଥାନାରେ ଅଭିଯୋଗ କରିଥିଲେ।

# ନନ୍ଦପୁର: ୧୩ ଉଚ୍ଚ ବିଦ୍ୟାଳୟରେ ନାହିଁ ବିଦ୍ୟୁତ୍ ସଂଯୋଗ

ନନ୍ଦପୁର,୧୨।୩ (ଡି.ଏନ.ଏ.)

ରାଜ୍ୟ ସରକାର ଶିକ୍ଷାର ବିକାଶ ଲାଗି ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏ ଦିଗରେ ବହୁ ଅର୍ଥ ବ୍ୟୟ କରୁଛନ୍ତି। ୫-ଟିରେ ବିଦ୍ୟାଳୟଗୁଡିକର ଆଧୁନିକୀକରଣ କରି ଶ୍ରେଣୀଗୃହ, ବିଜ୍ଞାନାଗାର ପ୍ରତିଷ୍ଠା କରି ଛାତ୍ରୀଛାତ୍ରଙ୍କୁ ଅଧ୍ୟୟନ କ୍ଷେତ୍ରରେ ଉତ୍ସାହିତ କରୁଛନ୍ତି। ଗୁଣବତ୍ତା ଶିକ୍ଷା ଲାଗି ଲକ୍ଷାଧିକ ଟଙ୍କାର ବୈଦ୍ୟୁତିକ ସାମଗ୍ରୀ କିଣି ବିଦ୍ୟାଳୟ ଗୁଡିକୁ ଯୋଗାଇ ଦେଉଛନ୍ତି। ଅଥଚ ଏହି ବୈଦ୍ୟୁତିକ ସାମଗ୍ରୀଗୁଡ଼ିକର ବ୍ୟବହାର ପାଇଁ ଥିବା ମୁଖ୍ୟ ଆବଶ୍ୟକତା ବିଦ୍ୟୁତ୍ ସଂଯୋଗ କରିବାକୁ ସରକାର ଭୁଲି ଯାଇଛନ୍ତି। କୋରାପୁଟ ଜିଲା ନନ୍ଦପୁର ବ୍ଲକରେ ଥିବା ୨୧ଟି ଉଚ୍ଚ ବିଦ୍ୟାଳୟ ମଧ୍ୟରୁ ୧୩ଟି ବିଦ୍ୟାଳୟକୁ ଅଦ୍ୟାବଧି ବିଦ୍ୟୁତ୍ ସଂଯୋଗ ହୋଇନାହିଁ।

ଖବରରୁ ଜଣାପଡିଛି, ନନ୍ଦପୁର ବ୍ଲକର ୨୩ ପଞ୍ଚାୟତରେ ପ୍ରାଥମିକ ଶିକ୍ଷାଠାରୁ ଦଶମଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ଅଧ୍ୟୟନ ନିମନ୍ତେ ୧୯୫ଟି ବିଦ୍ୟାଳୟ ରହିଛି। ୧୮ଟି ବିଦ୍ୟାଳୟ ମଙ୍ଗଳ ବିଭାଗ ଅଧୀନରେ ଓ ବଳକା ବିଦ୍ୟାଳୟ ସ୍କୁଲ ଓ ଗଣ ଶିକ୍ଷା ବିଭାଗ ଅଧୀନରେ ରହିଛି। ଦୁଇ ବିଭାଗ ଅଧୀନରେ ମୋଟ ୨୧ଟି ଉଚ୍ଚ ବିଦ୍ୟାଳୟ, ୨୪ ଉଚ୍ଚ ପ୍ରାଥମିକ ଓ ୧୫୦ଟି ପ୍ରାଥମିକ ବିଦ୍ୟାଳୟ ରହିଛି। ଏହି ବିଦ୍ୟାଳୟଗୁଡିକରେ ୧୪ ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ବର୍ତ୍ତମାନ ସରକାରଙ୍କ ୫-ଟି ଅଧୀନ ମୋ ସ୍କୁଲ ଯୋଜନାରେ ସମସ୍ତ ଉଚ୍ଚ ବିଦ୍ୟାଳୟକୁ ରୂପାନ୍ତରିତ କରି ବିଦ୍ୟାଳୟଗୁଡ଼ିକର ଆଧୁନିକୀକରଣ କରାଯାଉଛି। ମାତ୍ର ସେଥିରୁ ସ୍କୁଲ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ୧୩ଟି ବିଦ୍ୟାଳୟ ହିକିମପୁଟ, ଅତଣ୍ଡା, ଖମରା, ଗୋଲୁର, ପରଜା ବଡପଡ଼ା, ବାଲଡ଼ା, କସନ୍ଦି, ରାଇସିଂ (ପେଟାଲ), ବିଜୁ ପଟ୍ଟନାୟକ ହାଇସ୍କୁଲ କୁଲାରସିଂ, କୁରୁମାପୁଟ, ଋଜୁବା, ସେମେଲା, ହାତୀବାରି ବିଦ୍ୟାଳୟକୁ ଅଦ୍ୟାବଧି ବିଦ୍ୟୁତ୍ ସଂଯୋଗ କରାଯାଇ ନ ଥିବା ଜଣାପଡିଛି। ବିଦ୍ୟୁତ୍ ସଂଯୋଗ ନ ଥାଇ ବିଦ୍ୟାଳୟଗୁଡ଼ିକ ନିମନ୍ତେ କିଣାଯାଇଥିବା ଲକ୍ଷାଧିକ ଟଙ୍କାର ବୈଦ୍ୟୁତିକ ସରଞ୍ଜାମ କିଛି କାମରେ ନ ଲାଗି ପଡିରହି ନଷ୍ଟ ହେଉଛି। ଫଳରେ ଛାତ୍ରୀଛାତ୍ରମାନେ ଗୁଣବତ୍ତା ଶିକ୍ଷା ପାଇବାରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ନନ୍ଦପୁର ବିଡିଓ ସୁଜିତ ମିଶ୍ର, ଡିପିଇପି ଯନ୍ତ୍ରୀ ଉମାକାନ୍ତ ମହାନ୍ତି, ବ୍ଲକ ଶିକ୍ଷାଧିକାରୀ ଦଇତାରୀ ଦାସଙ୍କୁ ପଚାରିବାରୁ ସେମାନେ କହିଲେ, ସମ୍ପୃକ୍ତ ବିଦ୍ୟାଳୟଗୁଡ଼ିକର ବାସ୍ତବ ସ୍ଥିତି ଅନୁଧାନ କରି ବିଦ୍ୟୁତ ସଂଯୋଗ ସହ ଅନ୍ୟ ସମସ୍ୟାଗୁଡ଼ିକ ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗକୁ ଅବଗତ କରାଯାଇଛି। ଏନେଇ ଅର୍ଥ ବ୍ୟୟ ବରାଦ ହେଲେ ସମସ୍ୟାର ସମାଧାନ ହୋଇପାରିବ ବୋଲି ସେମାନେ କହିଛନ୍ତି। ଏ ଦିଗରେ ରାଜ୍ୟ ସରକାର ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି।


ବିଦ୍ୟୁତ ସଂଯୋଗ ନ ହୋଇ ୫-ଟିରେ ରୂପାନ୍ତରିତ ହୋଇଥିବା ହିକିମପୁଟ ଉଚ୍ଚ ବିଦ୍ୟାଳୟ।

**ବିଦ୍ୟୁତ୍ ବିନା ଶିକ୍ଷା ବ୍ୟବସ୍ଥାର ଆଧୁନିକତା**

- ନଷ୍ଟ ହେଉଛି କିଣାଯାଇଥିବା ବୈଦ୍ୟୁତିକ ସାମଗ୍ରୀ
- ଛାତ୍ରୀଛାତ୍ରଙ୍କ ଗୁଣବତ୍ତା ଶିକ୍ଷାରେ ସୃଷ୍ଟି ହୋଇଛି ପ୍ରଶ୍ନବାଚୀ
- ସରକାର, ଜିଲା ପ୍ରଶାସନକୁ ଅବଗତ କରାଯାଇଛି: ବିଡିଓ

# ଜିଲାସ୍ତରୀୟ ଲୋକ ଅଦାଲତ

**୨୪୫୪ ମାମଲା ଫଇସଲା**

ଜୟପୁର, ୧୨।୩ (ନି.ପ୍ର.)

ଜାତୀୟ ଆଇନସେବା ପ୍ରାଧିକରଣ ଓ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶରେ ଶନିବର ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ କୋରାପୁଟ, କୋଟପାଡ୍, ବୋରିଗୁମ୍ମା,ଲକ୍ଷ୍ମୀପୁର, ଦଶମନ୍ତପୁର, ସେମିଳିଗୁଡ଼ାର ବିଭିନ୍ନ ଅଦାଲତରେ ପଡ଼ିରହିଥିବା ମକଦ୍ଦମାଗୁଡ଼ିକର ସମାଧାନ କରାଯାଇଥିଲା। ଜୟପୁରସ୍ଥିତ ଜିଲା ବିଚାରାଳୟ ପରିସର ଜୟପୁର ଏବଂ କୋରାପୁଟ ଜିଲାର ଅନ୍ୟାନ୍ୟ ବିଚାରାଳୟରେ ଦେୱାନୀ, ଫୌଜଦାରି (ସାଲିସ୍ ଯୋଗ୍ୟ), ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ବ୍ୟାଙ୍କ ଋଣ, ବିଦ୍ୟୁତ୍ ଓ ଜଳଯୋଗାଣ, ପାରିବାରିକ, ଖାଉଟି , ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ୍ ବାଉନ୍ସ ଆଦି ମାମଲାର ସହମତି ଭିତ୍ତିରେ ସମାଧାନ କରାଯାଇଥିଲା। ଲୋକ ଅଦାଲତରେ ମୋଟ ୨୪୫୪ ମାମଲା ଫଇସଲା ହୋଇଥିଲା। ଜୟପୁରର ଏହି ଜିଲାସ୍ତରୀୟ ଲୋକ ଅଦାଲତରେ ଜିଲା ଦୌରା ଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ସତ୍ୟନାରାୟଣ ମିଶ୍ର, ଭିଜିଲାନ୍ସର ସ୍ୱତନ୍ତ୍ର ବିଚାରପତି ରାଜେଶ ଏକ୍କା, ବିଚାରପତି ଇ.ବି. ରାଓ, ପରିବାର ଅଦାଲତର ବିଚାରପତି ଡ.ପବିତ୍ର ମୋହନ ସାମଲ, ଅତିରିକ୍ତ ଜିଲା ଓ ଦୌରା ଜଜ୍ ସି.ଏଚ୍. ବାସୁଦେବ ପାତ୍ର, ରେଜିଷ୍ଟ୍ରାର ସିଭିଲ୍ କୋର୍ଟ ଶରତ ଜେନା, ବରିଷ୍ଠ ଦେୱାନୀ ବିଚାରପତି କୁମାରୀ ମୁସ୍ରତ ଜାହିନ, ବରିଷ୍ଠ ଦେୱାନୀ ବିଚାରପତି ଅଞ୍ଜଲି ମାଛଖଣ୍ଡ, ସଚିବ ତଥା ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତ ବିଚାରପତି ସୁମନ ଜେନା, ଏସ୍‌ଡିଜେଏମ୍, ରେଖାରାଣୀ ପଣ୍ଡା, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ ପଲ୍ଲବୀ ପ୍ରିୟଦର୍ଶିନୀ ଦାସ ଓ ଆଦର୍ଶ ବେହେରା ଉପସ୍ଥିତ ରହି ମକଦ୍ଦମାଗୁଡ଼ିକର ସମାଧାନ କରିଥିଲେ। ଓକିଲ ସଂଘର ବରିଷ୍ଠ ଆଇନଜୀବୀ ଶଶାନନ୍ଦ ମିଶ୍ର, ତ୍ରିନାଥ ସିଂ ଲାଲ୍, ଜେ.ସତ୍ୟନାରାୟଣ ଆଚାରୀ, ପି.ଈଶ୍ୱର ରାଓ, ମନୋଜମାଳା ଦୀନବନ୍ଧୁ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ମକଦ୍ଦମା ଫଇସଲାରେ ସହଯୋଗ କରିଥିଲେ। ଲୋକ ଅଦାଲତରେ ୨୪୫୪ ଫଇସଲା ମାମଲାରୁ ୭୦ ଲକ୍ଷ ୭୭ ହଜାର ୩୫୫ ଟଙ୍କା ଆଦାୟ କରାଯାଇଥିଲା।

# ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା

ମାଲକାନଗିରି,୧୨।୩ (ଡି.ଏନ୍.ଏ.)

ମାଲକାନଗିରି ଜିଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ରବିବାର ନୂତନ କର୍ମକର୍ତ୍ତା ଚୟନ ପ୍ରକ୍ରିୟା ଶେଷ ହୋଇଛି। ସଂଘ କାର୍ଯ୍ୟାଳୟ ପରିସରରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସମ୍ପାଦକ ରବିନ୍ଦ୍ର ମହାରଣା ବିବରଣୀ ପ୍ରଦାନ ପରେ ଆଗାମୀ ଦୁଇବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ନିର୍ବାଚନ ଅଧିକାରୀ ଭାବେ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ଦୁର୍ଯ୍ୟୋଧନ ପାତ୍ର, ସିମାଞ୍ଚଳ ପଣ୍ଡା ଦାୟିତ୍ୱ ତୁଲାଇଥିଲେ। ସର୍ବସମ୍ମତି କ୍ରମେ ସଭାପତି ଭାବେ ବାଲାରାଜୁ ପାଢୀ, ଉପସଭାପତି ରବି ନାରାୟଣ ପାଣିଗ୍ରାହୀ, ସାଧାରଣ ସମ୍ପାଦକ ଅଶୋକ ସାମଲ, ସଙ୍ଗଠନ ସମ୍ପାଦକ କେ. ଶିବ ଶଙ୍କର ପାତ୍ର, ଯୁଗ୍ମ ସମ୍ପାଦକ ଦୀନବନ୍ଧୁ ଜେନା, କୋଷାଧ୍ୟକ୍ଷ ଭାବେ ଯୋଗେନ୍ଦ୍ର ଜେନା ମନୋନୀତ ହୋଇଥିଲେ। ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ରୂପେ ସିମାଞ୍ଚଳ ପଣ୍ଡା, ରବୀନ୍ଦ୍ର ମହାରଣା, ବିକ୍ରମ ଦାସ, ଏସ୍. ସାଇବାବା, ଭାଗୀରଥି ରେଡ୍ଡି ମନୋନୀତ ହୋଇଥିଲେ। କାର୍ଯ୍ୟକାରୀ କମିଟକୁ ଏସ୍. ଏରାସ୍ୱାମୀ, ଅଭିମନ୍ୟୁ ବେହେରା, ସୁରେନ୍ଦ୍ର ମଲ୍ଲିକ, ସୁଦର୍ଶନ ମହାରଣା, ମଦନମୋହନ ନାୟକ, ଶିବପ୍ରସାଦ ପାତ୍ର, ଜଗନ୍ନାଥ ତିଆଡି, ବେଣୁପାଣି ଖାଡେଙ୍ଗା, ସୀତାରାମ ଗୌଡ, ପୂର୍ଣ୍ଣଚନ୍ଦ୍ର ସାହୁ ମନୋନୀତ ହୋଇଛନ୍ତି। ସଂଘ ପ୍ରତିଷ୍ଠାତା ଦୁର୍ଯ୍ୟୋଧନ ପାତ୍ର ନୂତନ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇଥିଲେ।


ମନୋନୀତ ହୋଇଥିବା ନୂତନ କର୍ମକର୍ତ୍ତାମାନେ।

## ଦେଶୀ ମଦ ଜବତ, ୨ ଗିରଫ

ବ୍ରହ୍ମପୁର ଅଫିସ,୧୨।୩

ବ୍ରହ୍ମପୁର ଅବକାରୀ ଅଧୀକ୍ଷକ ରମେନ୍ଦ୍ର ନାରାୟଣ ନାୟକଙ୍କ ନେତୃତ୍ୱରେ ଦୁଇଟି ଟିମ୍ ପୃଥକ୍ ସ୍ଥାନରେ ଚଢ଼ାଉ କରି ୧୪୦ ଲିଟର୍ ଦେଶୀ ମଦ ଜବତ କରିଛି। ଏଥିରେ ସମ୍ପୃକ୍ତ ଥିବା ୨ ଜଣଙ୍କୁ ଗିରଫ କରାଯାଇଛି। ସେହିପରି ଚାଲାଣରେ ବ୍ୟବହୃତ ହେଉଥିବା ଏକ ବୋଲେରୋ ଓ ବାଇକ୍ ଜବତ ହୋଇଛି। ଅବକାରୀ ବିଭାଗର ଏକ ଟିମ୍ ରବିବାର ଦିଗପହଣ୍ଡି ଥାନା ଅନ୍ତର୍ଗତ ବନ୍ଥପଲ୍ଲୀ ନିକଟରେ ବ୍ଲକିଂ କରି ଗାଡ଼ି ଯାଞ୍ଚ କରୁଥିଲା। ଏହି ସମୟରେ ସେହି ରାସ୍ତା ଦେଇ ଆସୁଥିବା ଏକ ବୋଲେରୋକୁ ସନ୍ଦେହରେ ଅଟକାଇଥିଲା। ଯାଞ୍ଚ ପରେ ସେଥିରୁ ଶହେ ଲିଟର୍ ଦେଶୀ ମଦ ଜବତ ହୋଇଥିଲା। ଏହି ମଦ ବିକାଶପୁର ଗ୍ରାମରୁ ଗୋବିନ୍ଦପୁର ଗ୍ରାମକୁ ଯାଉଥିବା ନେଇ ଜଣାପଡ଼ିଥିଲା। ଏ ସଂକ୍ରାନ୍ତରେ ଅବକାରୀ ବିଭାଗ ଗାଡ଼ି ଡ୍ରାଇଭର୍ ଶେରଗଡ଼ ଥାନା ଗୋବିନ୍ଦପୁର ଗ୍ରାମର ନାଲୁ ସାହୁଙ୍କୁ ଗିରଫ କରିଥିଲା। ସେହିପରି ଅନ୍ୟ ଏକ ଟିମ୍ ଟାମଣା ରାସ୍ତାରେ ଯାଞ୍ଚ କରୁଥିଲା। ଏହି ସମୟରେ ଜଣେ ବାଇକ୍ ଚାଳକଙ୍କଠାରୁ ୪୦ଲିଟର୍ ମଦ ଜବତ କରିଥିଲା। ଏ ସଂକ୍ରାନ୍ତରେ କେ. ଲାଛେୟା ନାମକ ଯୁବକଙ୍କୁ ଗିରଫ କରାଯାଇଥିବା ଅବକାରୀ ବିଭାଗ ସୂତ୍ରରୁ ପ୍ରକାଶ।

# ଡ୍ରାଇଭର ମହାସଂଘର ଆନ୍ଦୋଳନ ପ୍ରସ୍ତୁତି



ଟିକିରି,୧୨।୩(ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଅନ୍ତର୍ଗତ ପୋଡାପାଡ଼ି ପଞ୍ଚାୟତ ଆମ୍ବତୋଟା ଛକ ନିକଟରେ ଓଡ଼ିଶା ଡ୍ରାଇଭର ମହାସଂଘର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଆସନ୍ତା ୧୫ତାରିଖରେ ଷ୍ଟିୟରିଂ ଛାଡ଼ ଆନ୍ଦେଳନ କରାଯିବାକୁ ନିଷ୍ପତ୍ତି ହୋଇଛି। ବୈଠକରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଡ୍ରାଇଭର ମହାସଂଘ କାଶୀପୁର ବ୍ଲକଡର ଆଡମିନ ଆକାଶ କୁମାର ନାୟକ ଓ ଆଞ୍ଚଳିକ ବିକାଶ ପରିଷଦ କଂସାରୀଗୁଡାର ସଭାପତି ଡୋଉଳ ରତ୍ନ ଚୌଧୁରୀ ଉପସ୍ଥିତ ରହି ଆଗାମୀ ଆନ୍ଦୋଳନକୁ କିପରି ସଫଳ କରାଯିବ ସେ ନେଇ ଆଲୋଚନା କରିଥିଲେ। ବୈଠକ ପୋଡାପାଡ଼ି ପଞ୍ଚାୟତ ସଭାପତି ଅଜୟ ମହାନ୍ତି, ବାକାମ୍ବ ପଞ୍ଚାୟତ ସଭାପତି ମିଥୁନ ସାହୁ, ନକଟିଗୁଡା ପଞ୍ଚାୟତ ସଭାପତି ଗବର୍ ସିଂ ମାଝୀ, କୋଷାଧ୍ୟକ୍ଷ ତରୁଣୀ ସେନ ନାଏକଙ୍କ ନେତୃତ୍ୱରେ ଆୟୋଜନ କରାଯାଇଥିଲା। ୧୦୦ରୁ ଉର୍ଦ୍ଧ୍ୱ ଡ୍ରାଇଭର ଉପସ୍ଥିତ ରହିଥିଲେ।

# ବାର୍ ଆସୋସିଏଶନ ନୂଆ କର୍ମକର୍ତ୍ତା ଚୟନ



ମାଲକାନଗିରି,୧୨।୩(ଡି.ଏନ୍.ଏ.)

ମାଲକାନଗିରି ଜିଲା ଜଜ୍‌କୋର୍ଟ ପରିସରରେ ଥିବା ଜିଲା ବାର୍ ଆସୋସିଏଶନର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ସଭାପତି ଭାବେ ଲମ୍ବୋଦର ତୁରୁକ ନିର୍ବାଚିତ ହୋଇଥିବା ବେଳେ ଉପ ସଭାପତି ଜଶେଫ୍ ଜେମ୍ସ, ସମ୍ପାଦକ ନୃସିଂହ ଚରଣ ମହାନ୍ତି, ଯୁଗ୍ମ ସମ୍ପାଦକ ଭବତୋଷ ବିଶ୍ୱାସ, କୋଷାଧ୍ୟକ୍ଷ ଭାବେ ବିଭୁ ଅସିଦାନ ସଗରିଆ ନିର୍ବାଚିତ ହୋଇଥିଲେ। ଏହି ନିର୍ବାଚନ ପ୍ରକ୍ରିୟାରେ ସମସ୍ତେ ନିର୍ଦ୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଜଣାପଡିଛି। ବରିଷ୍ଠ ଆଇନଜୀବୀ ବିଜୟ ମହାନ୍ତି ନିର୍ବାଚନ ପରିଚାଳନା କରିଥିଲେ।

# ଇପିଏଫ୍ ପେନସନ ଆସୋସିଏଶନର କୋରାପୁଟ ଜିଲା କମିଟି ବୈଠକ

ଜୟପୁର,୧୨।୩ (ନି.ପ୍ର.)

ସ୍ଥାନୀୟ ଯାଦବ ଭବନଠାରେ ନିଖିଳ ଓଡ଼ିଶା ଇପିଏଫ ପେନସନର୍ସ ଆସୋସିଏଶନ କୋରାପୁଟ ଜିଲା ଶାଖାର ଏକ ବୈଠକ ସଂଘ ସଭାପତି ନଳିନୀ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ନୂତନ ଭାବେ କେସିସି ବ୍ୟାଙ୍କ, ଓଏସ୍‌ଆର୍‌ଟିସି, ଓଏଚପିସି ବାଲିମେଳା ର ୨୦ଜଣଙ୍କୁ ସଂଘରେ ସଭ୍ୟ ରୂପେ ଗ୍ରହଣ କରାଯାଇଥିଲା। ବର୍ଦ୍ଧିତ ପେନସନ ପାଇଁ ଆସନ୍ତା ମେ' ୩ ତାରିଖ ସୁଦ୍ଧା ସେପ୍ଟେମ୍ବର ୨୦୧୪ ପୂର୍ବରୁ ଅବସର ଗ୍ରହଣ କରିଥିବା ଶ୍ରମିକ କର୍ମଚାରୀମାନେ ଅନ୍‌ଲାଇନରେ ଆବେଦନ ଫର୍ମ ପୂରଣ କରି ଆବେଦନ କରିବାକୁ ସଭାପତି ପରାମର୍ଶ ଦେଇଥିଲେ। କେସିସି ବ୍ୟାଙ୍କ ଏବଂ ଓଏସଆର୍‌ଟିସିର ଅବସରପ୍ରାପ୍ତ ଶ୍ରମିକ କର୍ମଚାରୀମାନଙ୍କ ବେତନ ସଂଶୋଧନ ଏବଂ ପେନସନ ଲାଗି ସହଯୋଗ କରିବା ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ସାକ୍ଷାତ କରି ସମସ୍ୟା ସମାଧାନ ନିମନ୍ତେ ପଦକ୍ଷେପ ନେବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଇପିଏଫ ପେନସନଧାରୀଙ୍କ ସର୍ବନିମ୍ନ ପେନସନ ମାସିକ ୯ହଜାର ଟଙ୍କା କରିବା ପାଇଁ ଦେଶବ୍ୟାପୀ ଚାଲିଥିବା ଆନ୍ଦୋଳନକୁ ଆହୁରି ଜୋରଦାର କରିବା ପାଇଁ ରାଜ୍ୟ ଓ କେନ୍ଦ୍ର ନେତୃତ୍ୱଙ୍କ ସହ ଯୋଗାଯୋଗ କରି ପରବର୍ତ୍ତୀ ପଦକ୍ଷେପ ନେବାକୁ ସ୍ଥିର ହୋଇଥିଲା। କିଶୋର ପଣ୍ଡା ଧନ୍ୟବାଦ ଦେଇଥିଲେ । ପ୍ରମୋଦ ମହାନ୍ତି, ରାମ ଶଙ୍କର ପଟ୍ଟନାୟକ,ଗୌରୀ ଚରଣ ସାହୁ, ଭାସ୍କର ଧଳ, ଶାନ୍ତନୁ ରଥ, ପିକେ ପଟ୍ଟନାୟକ, ଦଣ୍ଡପାଣି ପାତ୍ର, ଏମଏନ ରାଓ, ଏ. କ୍ରିଷ୍ଣା ରାଓ, ପିକେ ମିଶ୍ର, ଲକ୍ଷ୍ମୀକାନ୍ତ ମିଶ୍ର ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ଗୀତି କବିତା ପାଠୋତ୍ସବ

ବ୍ରହ୍ମପୁର ଅଫିସ,୧୨।୩:

ବ୍ରହ୍ମପୁର ସାହିତ୍ୟ ପରିଷଦ ପକ୍ଷରୁ ରବିବାର ଶାନ୍ତିନଗରଠାରେ ହୋଲି ପାଇଁ ଗୀତି କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇନଜୀବୀ ବିଜୟ ମିଶ୍ର ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ କନ୍ଧମାଳ ଜିଲାର ଯୁବ କବି ଅଜିତ ଭୋଇ ଓ ସମ୍ମାନିତ ଅତିଥି ପ୍ରଫୁଲ୍ଲ ତ୍ରିପାଠୀ ଯୋଗ ଦେଇଥିଲେ। କବୟିତ୍ରୀ ସୁଚେତା ପାଣିଗ୍ରାହୀଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଭାଗ୍ୟଲକ୍ଷ୍ମୀ ମହାରଣା, ମନମୋହନ ରଥ ପ୍ରମୁଖ ଗୀତି କବିତା ପାଠ କରିଥିଲେ।

# ମଧୁମତୀ ହୋଟେଲ ଗଣ୍ଡଗୋଳ ଘଟଣାରେ ଆଉ ଜଣେ ଗିରଫ

ଜୟପୁର, ୧୨।୩ (ନି.ପ୍ର.)–

ମଧୁମତୀ ହୋଟଲରେ ଗଣ୍ଡଗୋଳ ଘଟଣାରେ ଆଉ ଜଣଙ୍କୁ ଟାଉନଥାନା ପୋଲିସ ଗିରଫ କରିଛି। ସେ ହେଲେ ଜୟପୁର ଢେପଗୁଡାର ଦୀପକ ମହାନନ୍ଦିଆ (୨୨)। ଗତ ୮ ତାରିଖରେ ଉକ୍ତ ହୋଟେଲରେ ୩ ଜଣ ଯୁବକ ଗଣ୍ଡଗୋଳ କରି ହୋଟେଲ ମାଲିକ ଓ ୨ ଜଣ କର୍ମଚାରୀଙ୍କ ମାଡ ମାରିଥିବା ନେଇ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ୯ ତାରିଖରେ ଜୟପୁର ସଦର ଥାନା ଅନ୍ତର୍ଗତ ବାୟାଗୁଡା ଗ୍ରାମରୁ ଅଭିଯୁକ୍ତ ବିକାଶ ବାରିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ରବିବାର ଢେପଗୁଡାର ଦିପକଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଛି। ଏହି ମାମଲାରେ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ରହିଛନ୍ତି। ଫେରାର ଅଭିଯୁକ୍ତଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ଟାଉନ ଥାନା ଅଧିକାରୀ ସମ୍ବିତ ବେହେରା କହିଛନ୍ତି। ସୂଚନାଯୋଗ୍ୟ, ୩ ଜଣ ଯୁବକ ଏହି ହୋଟେଲର ବାର୍‌କୁ ଯାଇ ବିଦେଶୀ ମଦ ପିଇବା ପରେ ଟଙ୍କା ନ ଦେଇ ଉଠି ଚାଲି ଯାଉଥିଲେ। ମ୍ୟାନେଜର ଟଙ୍କା ମାଗିବାରୁ ୩ଜଣ ମିଶି ମ୍ୟାନେଜରଙ୍କୁ ଆକ୍ରମଣ କରି ବାରର ୨ଟି ଟେବୁଲ ଓ ୫ଟି ଚୌକି ଭାଙ୍ଗି ଦେଇଥିଲେ। ଖବରପାଇ ମାଲିକ ନିହାର ବିଷୋୟୀ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସେମାନେ ନିହାରଙ୍କୁ ଆକ୍ରମଣ କରଥିଲେ।


ଦୀପକ ମହାନନ୍ଦିଆ

# ୧୯ ବଦଳରେ ଅଛନ୍ତି ୩ ଡାକ୍ତର

- ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର
- ଆନ୍ଦୋଳନ ପାଇଁ ଅଣ୍ଟା ଭିଡିଲେ ସହରବାସୀ

ଗୁଣପୁର,୧୨।୩(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ସମସ୍ୟା ଦେଖାଦେଇଛି। ଏଠାରେ ୧୯ ଜଣ ଡାକ୍ତର ରହିବା ବଦଳରେ ଅଛନ୍ତି ମାତ୍ର ୩ ଜଣ। ଡେପୁଟେଶନରେ ଆସିଥିବା ୩ ଜଣଙ୍କୁ ମିଶାଇ ସମୁଦାୟ ୬ ଜଣ ଡାକ୍ତର ରୋଗୀ ସେବା ସମ୍ଭାଳୁଛନ୍ତି। ଡାକ୍ତର ନ ଥିବାରୁ ବିଭିନ୍ନ ସମୟରେ ସେବା ବ୍ୟାହତ ହେଉଛି। ରୋଗୀଙ୍କ ସହ ସଂପର୍କୀୟମାନେ ନାହି ନ ଥିବା ସମସ୍ୟାର ସମ୍ମୁଖିନ ହେଉଛନ୍ତି। ଏହାକୁ ନେଇ ରବିବାର ସନ୍ଧ୍ୟାରେ ସ୍ଥାନୀୟ କନ୍ୟକା ପରମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକ ବୈଠକ ହୋଇଥିଲା। ବୈଠକରେ ସହରର ବହୁ ମାନ୍ୟଗନ୍ୟ ବ୍ୟକ୍ତିଙ୍କ ସମେତ ବିଭିନ୍ନ ଦଳର ରାଜନୈତିକ ନେତା ମାନେ ଉପସ୍ଥିତ ରହିଥିଲେ। ଡାକ୍ତର ସମସ୍ୟା ନେଇ ଆଗାମି ଦିନରେ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଥିଲେ। ୫ଟି ସଚିବ,ସ୍ୱାସ୍ଥ୍ୟ ସଚିବ,ଏମପି, ବିଧାୟକ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ରାଜ୍ୟ ଉପଦେଷ୍ଟା ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟର ଦାବପତ୍ର ପ୍ରଦାନ କରିବାକୁ ସ୍ଥିର ହୋଇଛି। ଆନ୍ଦୋଳନକୁ ପରିଚାଳନା କରିବା ପାଇଁ ୧୭ ଜଣିଆ ପ୍ରତିନିଧି ମଣ୍ଡଳି ମଧ୍ୟ ଗଠନ କରାଯାଇଥିଲା। ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ଗୁଣପୁର,ପଦ୍ମପୁର,ରାମନାଗୁଡା, ଗୁଡାରୀ ସହ ସୀମାବର୍ତ୍ତି ଗଜପତି ଜିଲାର ଲୋକେ ମଧ୍ୟ ନିର୍ଭର କରିଥାନ୍ତି। ହେଲେ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ସମସ୍ୟା ପାଇଁ ସେବା ଠପ ହୋଇପଡିଛି। ବର୍ତ୍ତମାନ ଏହି ସ୍ୱାସ୍ଥ୍ୟ କେନ୍ଦ୍ର ୫-ଟି ଅଧିନକୁ ଯାଇଥିବାବେଳେ ଭିତ୍ତିଭୂମିର ବିକାଶ ପାଇଁ ୧୯ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମଞ୍ଜୁର ହୋଇଛି । ଯାହାକୁ ସାଧାରଣରେ ସ୍ୱାଗତ କରାଯାଇଛି । ହେଲେ ଏହା ଦ୍ୱାରା ଡାକ୍ତର ସମସ୍ୟା ସମାଧାନ ହୋଇପାରିବ କି ବୋଲି ପ୍ରଶ୍ନ ଉଠିଛି। ସରକାର ତୁରନ୍ତ ଦୃଷ୍ଟି ଦେବା ସହ ଡାକ୍ତର ନିଯୁକ୍ତି ଦେବା ପାଇଁ ବୈଠକରେ ମତ ପ୍ରକାଶ ପାଇଥିଲା। ଯୁବ ସଂଗଠକ ସତ୍ୟ ସୁନ୍ଦର କରଙ୍କ ଆବାହକତ୍ୱରେ ହୋଇଥିବା ବୈଠକରେ ଉମା ଚରଣ ପଟ୍ଟନାୟକ, ବ୍ରହ୍ମାନନ୍ଦ ପଟ୍ଟନାୟକ,ୱାଇ.ଗଣପତି,ପୌର ପରିଷଦର ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ,ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ବିଜୟ ଗମାଙ୍ଗ,ରାଜେନ୍ଦ୍ର ପ୍ରସାଦ ସାହୁ,ରାମ ପଣ୍ଡା,ଏସ.ବାବା ପ୍ରସାଦ,ପ୍ରୋମଦ ସାହୁ,ରମେଶ ଲିମା, ଗଜେନ୍ଦ୍ର ପାଳ, ବାସା ଶତପଥିଙ୍କ ସମେତ ସହରର ବହୁ ବ୍ୟକ୍ତି ଉପସ୍ଥିତ ରହିଥିଲେ। ଇନ୍ଦ୍ରାକ୍ଷୀ ପ୍ରସାଦ ଦାସ ପ୍ରାରମ୍ଭିକ ସୂଚନା ଦେଇଥିଲେ।


ବୈଠକରେ ଆଲୋଚନା ଚାଲିଛି ।

## ସଂକ୍ଷେପରେ

### ଉତ୍କଳ ସମ୍ମିଳନୀ ପାଳିଲା ଓଡ଼ିଆ ଶାସ୍ତ୍ରୀୟ ଭାଷା ମାନ୍ୟତା ଦିବସ



ଜୟପୁର,୧୨।୩ (ନି.ପ୍ର.)- ଜୟପୁରସ୍ଥିତ ଯାଦବ ଭବନରେ ଉତ୍କଳ ସମ୍ମିଳନୀ କୋରାପୁଟ ପକ୍ଷରୁ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଦିବସ ପାଳନ କରାଯାଇଥିଲା। ସଭାପତି ମଦନ ମୋହନ ନାୟକଙ୍କ ସଭାପତିତ୍ୱରେ ରାଜ୍ୟ ସମ୍ପାଦକ ବୀରେନ ପଟ୍ଟନାୟକ, ପରାମର୍ଶଦାତା ବିନୋଦ ମହାପାତ୍ର, ହରିହର କରସୁଧା ପଟ୍ଟନାୟକ, ଖବରଦାତା ପ୍ରଫୁଲ୍ଲ ଦାସ, ବାଲା ରାୟ, ମାଧବ ଚୌଧୁରୀ, ଚନ୍ଦ୍ରକାନ୍ତ ସୁତାର, ରାଜେନ୍ଦ୍ର ଗୌଡ଼, ବୁଲୁ ସାହୁ, ନବୀନ ମାଦଲା, ଯଜ୍ଞେଶ୍ୱର ପଣ୍ଡାଙ୍କ ସମେତ ସହରର ଅନେକ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ। ୨୦୧୪ ମାର୍ଚ୍ଚ ୧୧ରୁ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ପରେ ୮ ବର୍ଷ ବିତିଯାଇଥିଲେ ସୁଦ୍ଧା ଭାଷାର ବିକାଶ, ଗବେଷଣା ପାଇଁ ପର୍ଯ୍ୟାପ୍ତ ଭିତ୍ତିଭୂମି ନ ଥିବା, ସବୁ କ୍ଷେତ୍ରରେ ଓଡିଆ ଭାଷାର ବହୁଳ ବ୍ୟବହାର ନ ହେବା, ସରକାର ଓଡ଼ିଆ ଭାଷାର ବ୍ୟବହାର ନେଇ ବିଭିନ୍ନ ସମୟରେ ବହୁ କଥା କହୁଥିଲେ ମଧ ତାହା ବାସ୍ତବ କ୍ଷେତ୍ରରେ କାର୍ଯ୍ୟକାରୀ ନ କରିବା ନେଇ ଉପସ୍ଥିତ ବ୍ୟକ୍ତିମାନେ କ୍ଷୋଭ ପ୍ରକାଶ କରିଥିଲେ। ସରକାର ଏ ଦିଗରେ ଗୁରୁତ୍ୱ ଦେଇ ପଦକ୍ଷେପ ନେବାକୁ ଦାବି କରିଥିଲେ।

### ଚୋରି ମାମଲାରେ ଜଣେ ଗିରଫ



ଜୟପୁର, ୧୨।୩ (ନି.ପ୍ର.)- ବାଳିକା ହୋଷ୍ଟେଲରେ ପଶି ୫ କୁଇଣ୍ଟାଲ ଲୁହା ରଡ, ୭ଟି ସଟରିଂ ପ୍ଲାଏ ଚୋରି ଘଟଣାରେ ଜୟପୁର ସଦର ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ସଦର ଥାନା ଅନ୍ତର୍ଗତ ବାଲିଆ ଗ୍ରାମର ବୀଣାଧର ପରଜା (୨୧)। ବିଳମ୍ବିତ ରାତିରେ କେତେ ଜଣ ଦୁର୍ବୃତ୍ତ ନିର୍ମାଣଧୀନ ବାଳିକା ହୋଷ୍ଟେଲରେ ପଶି ୫ କୁଇଣ୍ଟାଲ ଲୁହା ରଡ, ୭ଟି ସଟରଂ ପ୍ଲାଏ ଚୋରି କରି ନେଇଯାଇଥିଲେ। ଏନେଇ ସଦର ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏଥିରେ ବୀଣାଧର ସମ୍ପୃକ୍ତ ଥିବା ଜାଣି ତାଙ୍କୁ ପୋଲିସ ଗିରଫ କରିଛି। କିଛି ଚୋରି ସାମଗ୍ରୀ ଜବତ ହୋଇଛି ବୋଲି ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି।

### ନବବଧୂଙ୍କ ମୃତ୍ୟୁ, ସ୍ୱାମୀ ଅଟକ

ଗୋପାଳପୁର,୧୨।୩(ଡ଼ିଏନଏ)- ଗୋଳନ୍ଥରା ଥାନା ଅଞ୍ଚଳରେ ଜଣେ ନବବଧୂଙ୍କ ଶନିବାର ସନ୍ଦେହଜନକ ମୃତ୍ୟୁ ଘଟିଛି। ଏ ନେଇ ବାପାଘର ପକ୍ଷରୁ ଝିଅକୁ ପିଟିପିଟି ମାରିଦେଇଥିବା ଥାନାରେ ଅଭିଯୋଗ କରାଯାଇଛି। ପୋଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିବା ସହିତ ସ୍ୱାମୀଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି।

# କାଜୁ ପ୍ଲାଣ୍ଟେଶନ, ଲେମନ ଗ୍ରାସ୍ ଚାଷ ବାଟବଣା

ଚିତ୍ରକୋଣ୍ଡା,୧୨।୩(ଡି.ଏନ.ଏ.)

**ସ୍ୱାଭିମାନ ଅଞ୍ଚଳରେ ଜୀବନ ଜୀବିକା ନାଁରେ ହରିଲୁଟ୍**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳର ଯୋଡ଼ାମ୍ବ, ପାପରମେଟଲା ଏବଂ ପଣଷପୁଟ ପଞ୍ଚାୟତ ଅଞ୍ଚଳରେ ବିକାଶ ନାମକ ଅନୁଷ୍ଠାନ ଆଦିବାସୀଙ୍କ ଜୀବନ ଜୀବିକାରେ ପରିବର୍ତ୍ତନ ଦିଗରେ ଜିଲା ଆଇଟିଡିଏ ଆନୁକୂଲ୍ୟରେ ଓଟିଇଏଲ୍‌ପି ପ୍ରକଳ୍ପ ମାଧ୍ୟମରେ କାର୍ଯ୍ୟ କରୁଛି। ମାତ୍ର ଦୀର୍ଘ ଦିନ ହେଲା ଏହି ସଂସ୍ଥା ଆଦିବାସୀଙ୍କ ଉନ୍ନତି କରିବା ତ’ ଦୂରର କଥା ସେମାନଙ୍କ ନାମରେ ହରିଲୁଟ୍ କରିଚାଲିଥିବା ଅଭିଯୋଗ ହେଉଛି। ସେମାନଙ୍କ ପାଇଁ ଯୋଡ଼ାମ୍ବ ପଞ୍ଚାୟତର ବିହନଗୁଡ଼ି, ଖଜୁରିଗୁଡ଼ା, ସିନ୍ଧିପୁଟ ଏବଂ ପାପରମେଟଲା ପଞ୍ଚାୟତର ବହୁ ଗ୍ରାମରେ କରାଯାଇଥିବା କାଜୁ ପ୍ଲାଣ୍ଟେଶନ ଏବଂ ଲେମନ ଗ୍ରାସ ଚାଷରେ ବାଟମାରଣା କରାଯାଇଛି। ବିକାଶ ଅନୁଷ୍ଠାନ ସ୍ୱାଭିମାନ ଅଞ୍ଚଳରେ ପୂର୍ବରୁ କୌଣସି ସାମାଜିକ ଉନ୍ନୟନମୂଳକ କାମ ନ କରି ଜିଲା ସ୍ତରରେ ଅଧିକାରୀଙ୍କୁ ହାତବାରିସି କରି ଓଟିଇଏଲ୍‌ପି ପ୍ରକଳ୍ପରେ ଆଦିବାସୀଙ୍କ ଜୀବନଜୀବିକାରେ ଉନ୍ନତି ଲାଗି ଉପରୋକ୍ତ କାର୍ଯ୍ୟ ପାଇଥିଲା। ଏହି ସଂସ୍ଥା କାର୍ଯ୍ୟ ହାତେଇବା ପରେ ତିନି ପଞ୍ଚାୟତ ଯୋଡ଼ାମ୍ବ, ପାପରମେଟଲା ଏବଂ ପଣଷପୁଟର ଶତାଧିକ ଚାଷୀଙ୍କୁ କାଜୁ ପ୍ଲାଣ୍ଟେସନ ଓ ଲେମନ ଗ୍ରାସ ଚାଷ ଆଳରେ ଚାଷୀଙ୍କୁ ଶୋଷଣ କରିଛି। କିଛି ଦିନ ତଳେ ଜିଲା ଓଟିଇଏଲ୍‌ପି କାର୍ଯ୍ୟର ସାମାଜିକ ସମୀକ୍ଷା ବେଳେ ଜିଲା ସାମାଜିକ ସମୀକ୍ଷକ ସୁବ୍ରତ ସାମଲ ଏବଂ ଚିତ୍ରକୋଣ୍ଡା ବ୍ଲକ ସାମାଜିକ ସମୀକ୍ଷକ ବେଲାଳସେନ ଗୁଣ୍ଡା ଉକ୍ତ ଯୋଡ଼ାମ୍ବ ପଞ୍ଚାୟତର ଖଜୁରିଗୁଡାରେ ହୋଇଥିବା ପ୍ଲାଣ୍ଟେଶନ କାର୍ଯ୍ୟ ଏବଂ ସିନ୍ଧିପୁଟରେ ଲ୍ୟାଣ୍ଡ ଡେଭେଲପମେଣ୍ଟ କାର୍ଯ୍ୟ ଦେଖିବାକୁ ଯାଇ ବହୁ ଜମିରେ କାଜୁ ଗଛ ନ ଥିବା ଦେଖିବାକୁ ପାଇଥିଲେ। କୌଣସି ଚାଷୀ ଗାତ ଖୋଳା, ପ୍ୟାକେଟିଂ ଓ ମେଣ୍ଟେନାନ୍ସ ଟଙ୍କା ପାଇ ନ ଥିବା ଜଣାପଡିଥିଲା। ବହୁ ଚାଷୀଙ୍କ ନାମରେ ଜାଲ୍ ଆକାଉଣ୍ଟ ଖୋଲାଯାଇ ଅର୍ଥ ଉଠାଯାଇଥିଲା। ଆକାଉଣ୍ଟ ଜଣଙ୍କ ନାମରେ ଥିବା ବେଳେ ଜବକାର୍ଡ ଆଉ ଜଣଙ୍କ ନାମରେ ଥିବା ଉଭୟ ସମୀକ୍ଷକ ଜାଣିବାକୁ ପାଇଥିଲେ। ଲ୍ୟାଣ୍ଡ ଡେଭେଲପମେଣ୍ଟ କାର୍ଯ୍ୟରେ ମଧ ଚାଷୀଙ୍କ ପାଇଁ କିଛି କାର୍ଯ୍ୟ ନ ହୋଇ ସେମାନଙ୍କ ନାମରେ ଅର୍ଥ ଉଠାଯାଇଥବା ଜିଲା ସାମାଜିକ ସମୀକ୍ଷକ ସାମଲ ଓ ବ୍ଲକ ସାମାଜିକ ସମୀକ୍ଷକ ଗୁଣ୍ଡା କହିଛନ୍ତି।





ହାତଗଣତି ରହିଥିବା କେତେକ କାଜୁ ଗଛ।

ଉକ୍ତ ଦୁର୍ନୀତି ସମ୍ପର୍କରେ ସେମାନେ ଜିଲାପାଳଙ୍କୁ ଚିଠିଲେଖି ଜଣାଇଛନ୍ତି। ଏନେଇ ଜାଣିବା ପରେ ଚାଷୀଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି ବୋଲି କହିଛନ୍ତି ପାପରମେଟେଲା ସରପଞ୍ଚ ନରସିଂହ ସିନ୍ଧେରୀ ଓ ଯୋଡ଼ାମ୍ବ ସରପଞ୍ଚ ପିଙ୍କି ହନ୍ତାଳଙ୍କ ସ୍ୱାମୀ ପ୍ରହଲ୍ଲାଦ ହନ୍ତାଳ। ସ୍ୱାଭିମାନ ଅଞ୍ଚଳର କୌଣସି ଚାଷୀଙ୍କ ଜମିରେ କାଜୁ ପ୍ଲାଣ୍ଟେସନ ଓ ଲେମନ ଗ୍ରାସ ଚାଷ ହୋଇନାହିଁ। ବାରମ୍ବାର ଏନେଇ ଚାଷୀମାନେ ଅଭିଯୋଗ କରିଥିଲେ ମଧ ପ୍ରଶାସନିକ ଅଧିକାରୀ ଶୁଣୁନାହାନ୍ତି ବୋଲି ସରପଞ୍ଚ ସିନ୍ଧେରି ଓ ହନ୍ତାଳ ପ୍ରକାଶ କରିଛନ୍ତି। ସେହିପରି କାଜୁ ପ୍ଲାଣ୍ଟେସନ ଫଳକରେ ଅନୁଦାନ ରାଶି ୧୮ ଲକ୍ଷ ଉଲ୍ଲେଖ ଥିବାବେଳେ ସେ ସ୍ଥାନରେ ୮୦ଟି କାଜୁ ଗଛ ମଧ ନାହିଁ। ବହୁ ଫଳକରେ ଆଗରୁ କିଛି ତଥ୍ୟ ଲେଖାଯାଇଥିବା ବେଳେ ଏବେ ତାକୁ କଟାକଟି କରି କିଛି ପରିବର୍ତ୍ତନ କରାଯାଇଥିବା ଉଭୟେ ମତ ରଖିଛନ୍ତି। ଜିଲା ପ୍ରଶାସନ ଏହାର ତଦନ୍ତ କରି ପଦକ୍ଷପ ନେବାକୁ ସ୍ୱାଭିମାନ ଅଞ୍ଚଳବାସୀ ଦାବି କରିଛନ୍ତି। ଏସମ୍ପର୍କରେ ପଚାରିବା ଲାଗି ବିକାଶ ଅନୁଷ୍ଠାନ କର୍ତ୍ତୃପକ୍ଷଙ୍କୁ ତାଙ୍କ ମୋବାଇଲ ଫୋନ ନଂ. ୭୬୫୩୮୪୧୪୬୪ରେ ଯୋଗାଯୋଗ କରାଯାଇଥିଲେ ମଧ ଯୋଗାଯୋଗ ସମ୍ଭବ ହୋଇ ନ ଥିଲା। ଏ ବିଷୟରେ ପିଏ ଆଇଟିଡିଏ ତ୍ରିନାଥ ମାଝିଙ୍କୁ ପଚାରିବାରୁ ସେ କହିଲେ, ସ୍ୱାଭିମାନ ଅଞ୍ଚଳରେ ଲେମନ ଗ୍ରାସ ପ୍ରୋଜେକ୍ଟ ସଫଳ ହୋଇ ନ ଥିବାରୁ ସମ୍ପୃକ୍ତ ଅନୁଷ୍ଠାନକୁ ମିଳିବାକୁ ଥିବା ଆବଶ୍ୟକ ସହାୟତା ବନ୍ଦ କରାଯାଇଛି। କାଜୁ ପ୍ଲାଣ୍ଟେଶନ ଓ ଲେମନ ଗ୍ରାସ ଚାଷରେ ହୋଇଥିବା ଅନିୟମିତତାର ତଦନ୍ତ କରି ସେ ପଦକ୍ଷେପ ନେବେ ବୋଲି କହିଥିଲେ।

## ଆମ ପୋଲିସ କାର୍ଯ୍ୟକ୍ରମ
# ପୋଲିସକୁ ଭୟ ନ କରିବାକୁ ପରାମର୍ଶ





କାଲିମେଲା, ୧୨।୩(ଡି.ଏନ.ଏ.)

ମାଲାକାନଗିରି ଜିଲା କାଲିମେଲା ଥାନା ପକ୍ଷରୁ ଆମ ପୋଲିସ ସମିତି ବୈଠକ ଥାନା ଅଧିକାରୀ ସୂର୍ଯ୍ୟ ପ୍ରକାଶ ନାୟକଙ୍କ ଅଧ୍ୟକ୍ଷତାରେ ଏମ୍‌ଭି-୯୦ ଗ୍ରାମର ହରି ମନ୍ଦିର ଠାରେ ରବିବାର ଅନୁଷ୍ଠିତ ହୋଇଛି। ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ, ପରସ୍ପର ନିକଟତର ହୋଇ କାର୍ଯ୍ୟ କରିବା ଏବଂ ଜନସାଧାରଣଙ୍କ ମନରେ ପୋଲିସ ପ୍ରତି ଥିବା ଭୟ ଦୂର କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ସାଇବର ଠକେଇ ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଅଜଣା ଫୋନ କଲ କିମ୍ବା ଏସ୍‌ଏମଏସ୍‌ଠାରୁ ଦୂରେଇ ରହିବା, ଅଞ୍ଚଳରେ ବାଲ୍ୟ ବିବାହ ରୋକିବା, ଏଥିପ୍ରତି ଝିଅର ମା’ବାପାଙ୍କୁ ସଚେତନ କରିବା, ଘରୋଇ ହିଂସା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଇତି ମଧ୍ୟରେ ପୋଲିସ ବିଭାଗର ଅନେକ ନିୟମରେ ପରିବର୍ତ୍ତନ ହୋଇଛି। ଅଭିଯୋଗ କାରୀ ଓ ଦୋଷୀଙ୍କୁ ଥାନା ପକ୍ଷରୁ କୌଣସି ଦୁର୍ବ୍ୟବହାର ନ ଦେଖାଇ ଉତ୍ତମ ବ୍ୟବହାର ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ବ୍ୟବସ୍ଥା ରହିଛି। ପୋଲିସ ପ୍ରତି ଜନସାଧାରଣ କୌଣସି ଭୟ ନ କରିବା ପାଇଁ ଥାନା ଅଧିକାରୀ ନାୟକ ଲୋକଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ କାଲିମେଲା ଅଞ୍ଚଳକୁ ଅପରାଧମୁକ୍ତ ଅଞ୍ଚଳ ଭାବେ ଗଢି ତୋଳିବାକୁ ସମସ୍ତଙ୍କ ସହଯୋଗ ଲୋଡିଥିଲେ। କାର୍ଯ୍ୟକ୍ରମରେ ଜିଲା ପରିଷଦ ଉପାଧକ୍ଷ ପତିତପାବନ ବୈଦ୍ୟ, ବ୍ଲକ ପୂର୍ବତନ ଅଧକ୍ଷ ମାଲା ମାଡ଼ି, କାଲିମେଲା ସରପଞ୍ଚ ପୃଥିରାଜ ମାଝୀ, ବଡିଗେଟା ସରପଞ୍ଚ ଲିଲି ସୋଡ଼ି ସମାଜିକ କର୍ମୀ କାମସେନ ପ୍ରଧାନ, ଡ୍ରାଇଭର ସଂଘ ସଭାପତି ପ୍ରଦୀପ ସରକାର, ଏସଆଇ ନରେନ୍ଦ୍ର ପ୍ରସାଦ ଭାତ୍ରା, ମନୋହର ସାହୁ, ସୁଜିତ ବିଶ୍ୱାସଙ୍କ ସମେତ ଜନସାଧାରଣ ଉପସ୍ଥିତ ଥିଲେ।

# ଦୌଡ଼ିଲେ ୩ କୁନି ଭଉଣୀଭାଇ

କୋରାପୁଟ,୧୨।୩(ସ୍ୱ.ପ୍ର.)

**୩ ଘଣ୍ଟାରେ କୋରାପୁଟରୁ ଦାମନଯୋଡି**

ଦୃଢ ଇଚ୍ଛାଶକ୍ତିଠାରେ ହାର ମାନେ ସବୁ ପ୍ରତିବନ୍ଧକ। ଯେମିତି ବୟସ ହାର ମାନିଛି ୩ କୁନି ଭଉଣୀଭାଇଙ୍କ କ୍ଷେତ୍ରରେ। ୩ଘଣ୍ଟାରେ ସେମାନେ କୋରାପୁଟରୁ ଦାମନଯୋଡି ଦୌଡି ରାଜ୍ୟପାଇଁ ନୂଆ କିର୍ତ୍ତୀ ପ୍ରତିଷ୍ଠା କରିବାରେ ସଫଳ ହୋଇଛନ୍ତି। ସେମାନେ ହେଲେ କୋରାପୁଟ ସହରର ଜିତେନ୍ଦ୍ର ବାହାଦୁରଙ୍କ ୨ ଝିଅ ଯମୁନା (୧୧), ତପସ୍ୟା(୭) ଓ ୧୦ ବର୍ଷର ପୁଅ ହରି।

ରବିବାର ସକାଳୁ ଏହି ତିନି ଭଉଣୀ ଭାଇ କୋରାପୁଟ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରୁ କୋଚ ରାମଚନ୍ଦ୍ର ଜେନାଙ୍କ ନେତୃତ୍ୱରେ କୋରାପୁଟରୁ ଦାମନଯୋଡି ଦୀର୍ଘ ୪୦ କି.ମି. ରାସ୍ତା ଦୌଡିବା ଆରମ୍ଭ କରିଥିଲେ। ମାତ୍ର ୩ ଘଣ୍ଟାରେ ସେମାନେ ଦାମନଯୋଡିରେ ନିଜ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ଯାଇଥିଲେ। କୋରାପୁଟରେ ପୌରାଧକ୍ଷ ଲଲାଟ ରଞ୍ଜନ ସେଠୀ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ଏହି ସେମାନଙ୍କୁ ଉତ୍ସାହିତ କରିଥିଲେ। ବାଟରେ ମଧ ବହୁ ଜନସାଧାରଣ ଏହି କୁନି ଭଉଣୀଭାଇଙ୍କ ଦୌଡ ଦେଖି ସେମାନଙ୍କୁ ପ୍ରଶଂସା କରି ଉତ୍ସାହିତ କରିଥିଲେ। ଏହି ସଫଳତା ପାଇଁ କୋଚ ସମେତ ୩ ଭଉଣୀଭାଇଙ୍କୁ କୋରାପୁଟ ଜିମାନାଜିମ ସମ୍ପାଦକ ଭବାନୀ ଶଙ୍କର ମିଶ୍ର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ସେମାନଙ୍କୁ ଟ୍ରଫି ଦେଇ ଉତ୍ସାହିତ କରିଥିଲେ। ସୂଚନାଯୋଗ୍ୟ, ଗତ ଏକ ବର୍ଷ ତଳେ ଏହି ୩ କୁନି ଧାବକ ଜୟପୁରରୁ ବୋରିଗୁମ୍ମା ଯାଏ ପ୍ରାୟ ୨୨ କି.ମି. ଦୌଡି ସମସ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲେ। ଗତ ବିଶ୍ୱକପ ହକିର ପ୍ରସାର ପାଇଁ ହୋଇଥିବା ମାରାଥନରେ ମଧ ଦୌଡି ସେମାନେ ସଫଳତା ପାଇଥିଲେ। ଏଥିଯୋଗୁ ଜିଲା ପ୍ରଶାସନ ପକ୍ଷରୁ ୩ ଭଉଣୀଭାଇ ସମ୍ମାନିତ ହୋଇଥିଲେ। ରବିବାର ଭାଇ ହରିଙ୍କ ଜନ୍ମଦିନ ଥିବାରୁ ଏହି ଅବସରରେ କୋରାପୁଟରୁ ଦାମନଯୋଡି ଦୌଡିବାକୁ ସ୍ଥିର କରିଥିଲେ ବୋଲି ଯମୁନା କହିଛନ୍ତି।



କୋଚ୍‌ଙ୍କ ସହିତ ୩ ଭଉଣୀ ଭାଇ ।

# ବିଇଓଙ୍କୁ ଦାବିପତ୍ର ଦେଲେ ପାଚିକା, ସହାୟିକା





ପାଚିକା, ସହାୟିକାଙ୍କ ବାହାରିଥିବା ଶୋଭାଯାତ୍ରା।

ନାରାୟଣପାଟଣା, ୧୨।୩(ଡି.ଏନ.ଏ.)

ସରକାରଙ୍କ ଦ୍ୱାରା ବିଦ୍ୟାଳୟଗୁଡିକରେ ଚାଲିଥିବା ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମରେ ପାଚିକା ଓ ସହାୟିକାମାନେ ଦୀର୍ଘ ଦିନ ଧରି କାର୍ଯ୍ୟ କରୁଥିଲେ ମଧ ସର୍ବନିମ୍ନ ମଜୁରିରୁ ବଞ୍ଚିତ ହୋଇ ଆସୁଛନ୍ତି। ସେମାନଙ୍କ ସାମାଜିକ ସୁରକ୍ଷା ନେଇ ବ୍ୟବସ୍ଥା ମଧ ନାହିଁ। ପାଚିକା ଓ ସହାୟିକାଙ୍କ ଦାବିଗୁଡିକୁ ବିଚାର କରି ପୂରଣ କରିବା ଲାଗି ନିଖିଳ ଓଡିଶା ମଧ୍ୟାହ୍ନ ଭୋଜନ ପାଚିକା ସହାୟିକା ସଂଘର ନାରାୟଣପାଟଣା ବ୍ଲକ ସଂଘ ପକ୍ଷରୁ ସିପିଆଇ ଜିଲା ସମ୍ପାଦକଙ୍କ ସହଯୋଗରେ ମୁଖ୍ୟମନ୍ତ୍ରୀ ଏବଂ ଗଣ ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଇଓ ରଘୁରାମ ପାଙ୍ଗୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ସମୟରେ ସଭାପତି ହେମଲତା ତାଡିଙ୍ଗି, ସମ୍ପାଦକ ଏ. ସରସ୍ୱତୀ, ସିପିଆଇ ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳ, ସହସମ୍ପାଦକ କୁମର ଜାନୀଙ୍କ ସମେତ ପାଚିକା ଓ ସହାୟିକାମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଜଗନ୍ନାଥ ମନ୍ଦିର ନିକଟରୁ ସଂଘର ଏକ ଶୋଭାଯାତ୍ରା ସହର ପରିକ୍ରମା କରି ବିଇଓ ଅଫିସଠାରେ ପହଞ୍ଚିଥିଲା। ପାଚିକା ଓ ସହାୟିକାଙ୍କୁ କେନ୍ଦ୍ର ସରକାର ସ୍ଥିର କରିଥିବା ପ୍ରାପ୍ୟ ୧ହଜାର ଲେଖାଏ ଟଙ୍କା ପ୍ରଦାନ କରିବା, ସେମାନଙ୍କୁ ଦଶ ମାସ ବଦଳରେ ବାର ମାସ ପ୍ରାପ୍ୟ ପ୍ରଦାନ କରିବା, ବର୍ଷକୁ ଦୁଇ ଯୋଡ଼ା ଶାଢି ଦେବା, ୬୦ ବର୍ଷ ବଦଳରେ ଅବସରକାଳୀନ ସମୟ ଦୁଇ ବର୍ଷ ବଢ଼ାଇ ୬୨ ବର୍ଷ କରିବା, ସେମାନଙ୍କୁ ଅବସରକାଳୀନ ପ୍ରାପ୍ୟ ଏବଂ ପେନସନ ଦେବା ସହ ଅନ୍ୟାନ୍ୟ ଦାବି ରହିଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇ ଅନଶନ କରିବାକୁ ପାଚିକା ଓ ସହାୟିକାମାନେ ଚେତାବନୀ ଦେଇଛନ୍ତି।

# ସହରର ସମସ୍ୟା ସମାଧାନ ନେଇ ସ୍ୱର ଉଠାଇବ ପ୍ରେସ୍ କ୍ଲବ

ଜୟପୁର,୧୨।୩ (ନି.ପ୍ର.)

ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ଜୟପୁର ପ୍ରେସ୍ କ୍ଲବର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ପବନ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜୟପୁର ସହରର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ପରୀକ୍ଷା ସମୟରେ ବିବାହ, ବ୍ରତଘର ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଡିଜେ ବାଜିବା ଯୋଗୁ ଯେଉଁ ଉଚ୍ଚ ଶବ୍ଦ ସୃଷ୍ଟି ହେଉଛି ଏହା ଛାତ୍ରୀଛାତ୍ରୀଙ୍କ ଏକାଗ୍ରତାକୁ ନଷ୍ଟ କରୁଛି। ସେହିପରି ସହରରେ ସିସିଟିଭି ଅଚଳ ଯୋଗୁ ଆପରାଧିକ କାର୍ଯ୍ୟକଳାପ ବଢିଛି। ସେହିପରି ଯୁବ ଗୋଷ୍ଠୀଙ୍କ ଦ୍ୱାରା ହାଇ ସ୍ପିଡ ବାଇକ୍ ଚାଳନା ସହ କର୍କଶ ହର୍ଣ୍ଣ ବଜାଇବା ନେଇ କ୍ଲବ ପକ୍ଷରୁ ଚିନ୍ତା ପ୍ରକଟ କରାଯାଇଥିଲା। ଏହାର ତୁରନ୍ତ ସମାଧାନ ପାଇଁ ଜୟପୁର ଏସ୍‌ଡିପିଓଙ୍କୁ ଦାବିପତ୍ର କ୍ଲବ ତରଫରୁ ପ୍ରଦାନ କରାଯିବ। ସରକାରଙ୍କ ଗାଇଡ ଲାଇନ ଉଲ୍ଲଂଘନ କରି ସ୍କୁଲ କର୍ତ୍ତୃପକ୍ଷ ଯେପରି ଛାତ୍ରୀଛାତ୍ରଙ୍କ ବହି ବସ୍ତାନିର ଓଜନ ବଢାଇ ଚାଲିଛନ୍ତି ଏନେଇ ପ୍ରେସ୍ କ୍ଲବ ବ୍ଲକ ଶିକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ କରାଯିବାକୁ ନିଷ୍ପତ୍ତି ହୋଇଛି। ବୈଠକରେ ସଭାପତି ପାଣିଗ୍ରାହୀ, ସମ୍ପାଦକ ସୁରେଶ ନାଇଡୁ, ସତ୍ୟ ପଟ୍ଟନାୟକ,ତରୁଣ ମହାପାତ୍ର, ପଦ୍ମନାଭ ହୋତା, ରଶ୍ମି ରଥ, ରବି ନାୟକ, ସୁବାସ ଦାସ ଓ ଯୋଗେନ୍ଦ୍ର ସିଂ ଉପସ୍ଥିତ ଥିଲେ।

# କୋଇଲା ବୋଝେଇ ଟ୍ରକ ଦୁର୍ଘଟଣା

ଜୟପୁର, ୧୨।୩ (ନି.ପ୍ର.)

ଜୟପୁର ଘାଟିରେ ରବିବାର ଏକ କୋଇଲା ବୋଝେଇ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇଛି। ଟ୍ରକଟି କୋଇଲା ଧରି ଜୟପୁର ଅଭିମୁଖେ ଆସୁଥିବା ବେଳେ ବ୍ରେକ ଫେଲ ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଡ୍ରାଇଭର ଅଳ୍ପକେ ବର୍ତ୍ତି ଯାଇଛନ୍ତି।



ସଦର ପୋଲିସ ଖବରପାଇ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ବୈଠକରେ ଏକାଠି ହେଲେ ଭେଜା, ବାଡେଲ ପଞ୍ଚାୟତବାସୀ

ନନ୍ଦପୁର, ୧୨।୩ (ଡି.ଏନ.ଏ.)

- ବାଲଡ଼ା ପାହାଡକୁ ଖଣିବ୍ଲକ ନିଲାମର ପ୍ରତିବାଦ
- ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କଲେ
- ପୂର୍ବରୁ ପ୍ରଶାସନକୁ ପର୍ଯ୍ୟଟନ ସ୍ଥଳୀ ଲାଗି ଜଣାଇଥିଲେ
- ୨୦୦୮ରେ ଏନେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ

କୋରାପୁଟ ଜିଲା ନନ୍ଦପୁର ବ୍ଲକର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ବାଲଡ଼ା ନାଗେଶ୍ୱରୀ ଗୁମ୍ଫା ଓ ପାହାଡକୁ ପର୍ଯ୍ୟଟନ ସ୍ଥଳୀ ବଦଳରେ ବକ୍ସାଇଟ ଖଣିବ୍ଲକ ଭାବେ ନିଲାମ କରାଯାଇ ଆଦାନୀ ଗ୍ରୁପର ‘ଏମଏଏଲ’ କମ୍ପାନୀକୁ ଦେବା ଖବର ପ୍ରସାରଣ ପରେ ପାହାଡ ପାରିପାର୍ଶ୍ୱିକ ୫ଟି ପଞ୍ଚାୟତର ଅଧିବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ରବିବାର ଭେଜା ଓ ବାଡେଲ ପଞ୍ଚାୟତରେ ମା’ ନାଗେଶରୀ ସୁରକ୍ଷା ସମିତି ସଭାପତି ରବୀନ୍ଦ୍ର ପାଙ୍ଗି, ଉପ ସଭାପତି କାର୍ତ୍ତିକ ଖେମୁଣ୍ଡୁଙ୍କ ଅଧ୍ୟକ୍ଷତାରେ ଗ୍ରାମବାସୀ, ସ୍ଥାନୀୟ ଲୋକ ପ୍ରତିନିଧିଙ୍କୁ ନେଇ ବୈଠକ ହୋଇଥିଲା। ସମସ୍ତେ ଏକସ୍ୱରରେ ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରିଥିଲେ। ୫ଟିଯାକ ପଞ୍ଚାୟତବାସୀ ଗ୍ରାମସଭା ଓ ପଲ୍ଲିସଭା କରି ବିଡିଓ ଓ କୋରାପୁଟ ଜିଲାପାଳଙ୍କ ଜରିଆରେ ବାଲଡ଼ା ମାଳଡଙ୍ଗର ଓ ନାଗେଶ୍ୱରୀ ଗୁମ୍ଫାକୁ ଖଣି ଖାଦନ ବଦଳରେ ପର୍ଯ୍ୟଟନ ସ୍ଥଳୀ ଭାବେ ବିକଶିତ କରିବାକୁ ରାଜ୍ୟ ସରକାର ଓ ଖଣି ବିଭାଗକୁ ଅବଗତ କରାଇଥିଲୁ। ଏନେଇ ୨୦୦୮ରେ ମଧ ଏହାକୁ ପର୍ଯ୍ୟଟନ ସ୍ଥଳୀ କରିବା ଲାଗି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଏବେ ସରକାର ଏହାର ବିପରୀତ କାର୍ଯ୍ୟ କରୁଛନ୍ତି ବୋଲି ପଞ୍ଚାୟତବାସୀ ଅଭିଯୋଗ କରିଥିଲେ। କୌଣସି ପ୍ରକାରେ ଏଠାରେ ଖଣି ଖାଦନ ବ୍ଲକ ପ୍ରତିଷ୍ଠା କରାଇ ଦେବୁ ନାହିଁ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ସୋମବାର ଅତଣ୍ଡା ଓ କୁଲାବିର ପଞ୍ଚାୟତ, ମଙ୍ଗଳବାର ବାଲଡ଼ା ପଞ୍ଚାୟତରେ ବୈଠକ କରଯିବ। ଆସନ୍ତା ୨୧ରେ ବାଲଡ଼ା ବନାଞ୍ଚଳ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ସଭାପତି ରବୀନ୍ଦ୍ର ପାଙ୍ଗି ଓ ଉପ ସଭାପତି କାର୍ତ୍ତିକ ଖେମୁଣ୍ଡୁ କହିଛନ୍ତି। କୋରାପୁଟ ଜିଲା ସତନ୍ତ୍ର ବିକାଶ ପରିଷଦର ଉପାଧକ୍ଷା ଲକ୍ଷ୍ମୀ ହନ୍ତାଳ, ସଦସ୍ୟ ଉର୍ମିଳା ମୁଦୁଲି, ଭେଜା ସରପଞ୍ଚ ଭଗବତୀ ତଙ୍ଗତ ଓ ବାଡେଲ ସରପଞ୍ଚ ତୁଳା ହଂସା, ଭୀମ କାର୍ତୁଲ, କେନ୍ଦୁ ଚାଲାଣ, ନିଳାମ୍ବର ହଂସା, ରାମେଶ୍ୱର ଦୋରା, ଲବ ଖିଲ, ବାଡେଲ ସମିତି ସଭ୍ୟ ପ୍ରମୁଖଙ୍କ ସହ ୱାର୍ଡସଭ୍ୟ ଓ ଗ୍ରାମବାସୀ ବୈଠକରେ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଗ୍ରାମବାସୀ ଆଲୋଚନା କରୁଛନ୍ତି ।

# ବିସ୍ଥାପନର ୬୨ବର୍ଷ ପରେ ମଧ ଘର ପାଇଁ ସଂଘର୍ଷ

ସୁନାବେଡା/ସେମିଳିଗୁଡା, ୧୨।୩ (ସ୍ୱ.ପ୍ର.)

୧୯୬୧ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଉଦ୍ୟମରେ ସୁନାବେଡାରେ ମିଗ୍ ବିମାନ କାରଖାନା ନିର୍ମାଣ ହୋଇଥିଲା। ସରକାରୀ ନିୟମ ଅନୁଯାୟୀ ଏଠାକାର ଅଧିବାସୀଙ୍କୁ ସେତେବେଳେ ବିସ୍ଥାପିତ କରାଯାଇଥିଲା। ଏହି ବିସ୍ଥାପନ ପ୍ରକ୍ରିୟାରେ ପେଟକଣା, ଲେଞ୍ଜିଗୁଡା, ଚେରେଙ୍ଗାଗୁଡା, ପଣସପୁଟ, ବାଉଁଶଗୁଡା, ପଦ୍ମପୁର, ଡୁମୁରିପୁଟ, ଆରକେ ମାଳିଗୁଡା, ଡୋଲିଆମ୍ବ, ଗୁଞ୍ଜା, କିରାଖୋଲା, ବଡ଼ ବୋଡ଼େଙ୍ଗା, ରାଜପୁଟ, ମୁଖିବିଡ଼ାଇ, ତାଳାପୁଟ, ପାଙ୍ଗିଗୁଡା, କାଡ଼ାମଗୁଡା, ପୁରୀ ମୁଣ୍ଡା, ବୁଢାପୁଟ, ଦୁଧାରି ଓ ସେମିଳିଗୁଡା ଅଞ୍ଚଳର ପ୍ରାୟ ୧୨ହଜାର ହେକ୍ଟର ଜମି ଅଧିଗ୍ରହଣ କରାଯାଇଥିଲା। ଏହିସବୁ ଜମି ପ୍ରତି ବଦଳରେ ବିସ୍ଥାପିତ ପରିବାରର ସଦସ୍ୟଙ୍କୁ ନିଯୁକ୍ତି ସହ ବାସୋପଯୋଗୀ ଜାଗା ଦେବାକୁ ଚୁକ୍ତି ହୋଇଥିଲା। ମାତ୍ର ଏପର୍ଯ୍ୟନ୍ତ କେତେକ ବିସ୍ଥାପିତଙ୍କୁ ଘର ଖଣ୍ଡେ ପାଇଁ ଜାଗାଟିଏ ମିଳିନାହିଁ। ଯାହାକୁ ନେଇ ରବିବାର ସେମିଳିଗୁଡା ବ୍ଲକ ଅଧୀନ ରାଜପୁଟ ପଞ୍ଚାୟତର ଓୟୁଏଟି ନିକଟ ଚୁଲାପାରି ଗ୍ରାମ ପଡ଼ିଆ ଠାରେ ହାଲ ବିସ୍ଥାପିତ ସଂଘ ସଭାପତି ତ୍ରିଲୋଚନ ମୁଦୁଲି ଓ ସମାଜିକ କର୍ମୀ ନନ୍ଦିବାଲି ଚୈତନ୍ୟଙ୍କ ନେତୃତ୍ୱରେ ୨୨ଟି ଗ୍ରାମର ଶତାଧିକ ମହିଳା ପୁରୁଷ ଏକାଠି ହୋଇ ପ୍ରତିବାଦ ଜଣାଇଛନ୍ତି।



ଏକାଠି ହୋଇ ପ୍ରତିବାଦ ଜଣାଉଥିବା ଗ୍ରାମବାସୀ।

ଆୟୋଜିତ ଖବରଦାତା ସମ୍ମିଳନୀରେ ସେମାନେ କହିଛନ୍ତି, ପ୍ରତିଶ୍ରୁତି ଅନୁସାରେ, ସେମାନଙ୍କୁ ଏଯାଏ ସ୍ଥାୟୀ ଜାଗା ଖଣ୍ଡେ ମିଳି ନ ଥିବା ହେତୁ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କ ପିଲା ପାଠ ପଢିବାକୁ ସ୍ଥାୟୀ ବାସଗୃହ ତଥା ଜାତିଗତ ପ୍ରମାଣ ପତ୍ର ମିଳିପାରୁ ନାହିଁ। ଏନେଇ ସେମାନେ ବିଭିନ୍ନ ସରକାରୀ ସୁବିଧାରୁ ମଧେ ବଞ୍ଚିତ ହେଉଛନ୍ତି। ଗତ ୨୦୧୩ରେ ରାଜ୍ୟ ସରକାର ଜମି ଅଧିଗ୍ରହଣର ଏକ ନୂଆ ନିୟମ ଆଣିଥିଲେ । ଏହି ନିୟମ ଅନୁସାରେ କୌଣସି କାରଖାନା ଅଧିଗ୍ରହଣ କରିଥିବା ଜମିକୁ ଯଦି ଉପଯୋଗ ନକରି ଖାଲି ପକାଇ ରଖନ୍ତି ତେବେ ସେ ଜାଗାକୁ ଆବଶ୍ୟକ ସ୍ଥଳେ ବିସ୍ଥାପିତ ଲୋକଙ୍କୁ ଫେରାଇବେ। ତେବେ ଏଠାରେ ମଧ ହାଲ୍ ପ୍ରଶାସନ ଅଧିଗ୍ରହଣ କରିଥିବା ଗୁଡାଏ ଜମି ଦୀର୍ଘ ବର୍ଷ ଧରି ଖାଲି ପଡିରହିଛି। ସେହି ଜମିଗୁଡିକୁ ଜମିହରାଙ୍କୁ ଫେରାଇବାକୁ ଦାବି ହୋଇଆସୁଛି। ଏନେଇ ବିସ୍ଥାପିତ ସଂଘ ପକ୍ଷରୁ ବହୁବାର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ କୌଣସି ସୁଫଳ ମିଳିନାହିଁ ବୋଲି ସଭାପତି ମୁଦୁଲି କହିଛନ୍ତି। ଗ୍ରାମବାସୀଙ୍କ ସହ ଅନ୍ୟମାନଙ୍କ ମଧ୍ୟରେ ଦଳେଇଗୁଡା ସରପଞ୍ଚ ପ୍ରତିନିଧି ମଙ୍ଗୁଡୁ ଜାନି, ସଂଘ କର୍ମକର୍ତ୍ତା ଗୁରୁ ଗାଦବା, ରାମ ରୁଢାଇ, ଅର୍ଜୁନ ରୁଢାଇ, ରବି ରୁଢାଇ, ବଳରାମ ହନ୍ତାଳ, ସମାରୁ ଖିଲ, ବାବୁଲା ମାଝୀ, ଘାସିରାମ ଦେଉଳପାଡିଆ, ଡମ୍ବୁ ଓୟାଲ, ଘନ ଓୟାଲ ପ୍ରମୁଖ ଉପସ୍ଥିତ ଥିଲେ ।

**ହାଲ୍ ପ୍ରତିଷ୍ଠା ବେଳେ ବିସ୍ଥାପିତ ହୋଇଥିଲେ ଶତାଧିକ ପରିବାର**

